## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬.୦୮.୨୦୨୧

| ୨,୭୩,୧୮୮ଟଙ୍କା | |
|---|---|
| ସୁନା | ୫୦୦ ମିଲି ଗ୍ରାମ |
| ରୁପା | ୧୫.୩୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ 'ସ୍ମୃତିରେ ସ୍ମୃତିରେ ଦେବରାଜ' ଆଲେଖ୍ୟ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଶ୍ରୀମତି ସ୍ୱର୍ଣ୍ଣଲତା ନାଟୁଆ ପକ୍ଷରୁ ଖବରଦାତା ସମ୍ମିଳନୀ, ଓଡ଼ିଶା ସାମ୍ବାଦିକ ୟୁନିୟନ, ପ୍ଲଟ ନଂ୧୧୮୩, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ବିଜେଡିର ଭୁବନେଶ୍ୱର ସାଙ୍ଗଠନିକ ଜିଲାର କାର୍ଯ୍ୟକାରିଣୀ ବୈଠକ, ତ୍ରିଷ୍ଣା ମଣ୍ଡପ, ପଟିଆ, ଅପରାହ୍ନ ୧ଟା।

# ସେପ୍ଟେମ୍ବରରୁ ଐତିହ୍ୟ କରିଡର କାର୍ଯ୍ୟ

ପୁରୀ ଅଫିସ,୨୬।୮

ସେପ୍ଟେମ୍ବରରୁ ଶ୍ରୀମନ୍ଦିର ଐତିହ୍ୟ କରିଡ଼ର କାର୍ଯ୍ୟ ଆରମ୍ଭ ହେବ। ସେହିଭଳି ନରେନ୍ଦ୍ରକୋଣ ହବିଷିଆଳି କେନ୍ଦ୍ରର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷଠାରୁ ସେଠାରେ ହବିଷିଆଳିମାନେ ରହିପାରିବେ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ମହାପାତ୍ର ଗୁରୁବାର ପୁରୀ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। କରୋନା କଟକଣା କୋହଳ ହେବା ପରେ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ନିଆଯାଇଥିବା ଆନୁଷଙ୍ଗିକ ପଦକ୍ଷେପ, ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର, ବେହରଣ ଦ୍ୱାର, ଭୋଗମଣ୍ଡପର ପଶ୍ଚିମ ଦ୍ୱାର ଓ ସାତପାହାଚଠାରେ ନୂତନ ଭାବେ ଲାଗିଥିବା ରୁପା କବାଟ ସମେତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଦିର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି।



### ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଏଥିସହ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ ସ୍ଥଳୀ ଓ ପୁରୁଣା ଜେଲ ରୋଡ୍‌ରେ ବହୁତଳ ପାର୍କିଂ ନିର୍ମାଣ ଅଗ୍ରଗତିର ସମୀକ୍ଷା କରି ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

ଗସ୍ତ କାଳରେ ମହାପାତ୍ର ସ୍ୱର୍ଗଦ୍ୱାର ପରିଦର୍ଶନ କରି ଶବଦାହ ପିଣ୍ଡି, ପ୍ରଶାସନିକ କ୍ଲବ, ପ୍ରତୀକ୍ଷାଳୟ ଓ ପଥଶ୍ରାଦ୍ଧ ଗୃହର ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ସ୍ୱର୍ଗଦ୍ୱାର ସୌନ୍ଦର୍ଯ୍ୟକରଣ ସହ ଶବସତ୍କାର ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପେସାଦାର ସେବା ପ୍ରଦାନ ଓ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ବନ୍ଧୁ ପରିଜନ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେନେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନକୁ କହିଛନ୍ତି। ଏହାପରେ ମୁଖ୍ୟ ଶାସନ ସଚିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଯୋଗଦେବା ପାଇଁ ସ୍ୱର୍ଗଦ୍ୱାରଠାରୁ ପ୍ରସ୍ଥାନ କରିଥିଲେ। ସମୀକ୍ଷା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର କହିଛନ୍ତି, ସ୍ୱର୍ଗଦ୍ୱାର ଓ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଚାଲିଥିବା ବେଳେ ସାଧାରଣ ଲୋକଙ୍କୁ ସୁହାଇଲା ଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ସେହିଭଳି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ମଧ୍ୟ ଶୃଙ୍ଖଳିତ ଭାବେ ଚାଲୁ ରହିଥିବା ଦେଖିଲି। ଏଥିସହ ଶ୍ରୀମନ୍ଦିର ଐତିହ୍ୟ କରିଡ଼ର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଛି। ସମୀକ୍ଷା ବେଳେ ମୁଖ୍ୟ ଶାସନ ସଚିବଙ୍କ ସହ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଓଡ଼ିଶା ସେତୁ ନିର୍ମାଣ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷା ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରିଥିଲେ।

# ଓଡ଼ିଶୀନୃତ୍ୟରେ ଝୁମିଲେ ଆମେରିକୀୟ ଦର୍ଶକ



ନୃତ୍ୟଶିଳ୍ପୀ ସଂସ୍କୃତି ବେବର୍ତ୍ତା ଓଡ଼ିଶୀ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ):** ନୃତ୍ୟଶିଳ୍ପୀ ସଂସ୍କୃତି ବେବର୍ତ୍ତାଙ୍କ ଓଡ଼ିଶୀନୃତ୍ୟରେ ଝୁମିଲେ ଆମେରିକାର କଳାପ୍ରେମୀ। ନିକଟରେ ସଂସ୍କୃତିଙ୍କ ମଞ୍ଚ ପ୍ରବେଶ କାର୍ଯ୍ୟକ୍ରମ 'ରଙ୍ଗ ପୂଜା' କାଲିଫର୍ନିଆର କଙ୍କରଲେ ଥିଏଟରଠାରେ ଅନୁଷ୍ଠିତ ହୋଇଥିଲା। ସାନ୍‌ଫ୍ରାନ୍ସିସ୍‌କୋସ୍ଥିତ ଜ୍ୟୋତି କଳାମନ୍ଦିର ତରଫରୁ ଆୟୋଜିତ ଏହି ଏକକ ନୃତ୍ୟ ପରିବେଷଣକୁ ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଭାରତୀୟ ତଥା ବିଦେଶୀ ଦର୍ଶକ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆବାହନୀ ନୃତ୍ୟ ମଙ୍ଗଳାଚରଣରେ ସରସ୍ୱତୀ ବନ୍ଦନା, ଶୁଦ୍ଧ ନୃତ୍ୟ ମୁଦ୍ରା ପଲ୍ଲବୀ, ଅଭିନୟ ସଂରଚନା ଗୀତା ସାର ଓ ନବରସ ଏବଂ ଶେଷରେ ଆତ୍ମା ସହିତ ପରମାତ୍ମାର ମିଳନ ପର୍ବ ମୋକ୍ଷ ପ୍ରଦର୍ଶନ କରିଥିଲେ। ସଂସ୍କୃତିଙ୍କ ପ୍ରତ୍ୟେକ ପ୍ରସ୍ତୁତି ଯଥେଷ୍ଟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ଥିଲା।

# ଜେଇଇ ମେନ୍ ସେସନ୍ ୪ ଆରମ୍ଭ

ଭୁବନେଶ୍ୱର, ୨୬।୮

ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍-୨୦୨୧ର ସେସନ୍ ୪ ପରୀକ୍ଷା ଗୁରୁବାର ଭୁବନେଶ୍ୱରର ୬ଟି ପରୀକ୍ଷାକେନ୍ଦ୍ର ସମେତ ରାଜ୍ୟର ୨୦ ସହରରେ ଥିବା ୪୧ କେନ୍ଦ୍ରରେ ଆରମ୍ଭ ହୋଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଉକ୍ତ ପରୀକ୍ଷା ପରିଚାଳନା କରୁଛି। କମ୍ପ୍ୟୁଟର ଭିତ୍ତିକ ଟେଷ୍ଟ ମୋଡ୍ (ସିବିଟି)ରେ ଏହି ପରୀକ୍ଷା କରାଯାଉଛି। ଅଗଷ୍ଟ ୨୬, ୨୭, ୩୧, ସେପ୍ଟେମ୍ବର ୧ ଏବଂ ୨ରେ ଦେଶ ତଥା ବିଦେଶର ମୋଟ ୩୩୪ଟି ସହରରେ ଏହି ପରୀକ୍ଷା ଓଡ଼ିଆ, ଇଂଲିଶ, ହିନ୍ଦୀ ସମେତ ୧୩ଟି ଭାଷାରେ କରାଯାଉଛି। ଜେଇଇ ମେନ୍ ୨୦୨୧ର ସେସନ୍ ୩ ପରୀକ୍ଷା ଜୁଲାଇ ୨୦ରୁ ୨୭ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପ୍ରାୟ ୧ ଲକ୍ଷ ପିଲାଙ୍କ ସମେତ ଦେଶର ୭ ଲକ୍ଷ ପିଲା ଏହି ପରୀକ୍ଷା ଦେଉଛନ୍ତି। ଗୁରୁବାର ସକାଳେ କୋଭିଡ୍ କଟକଣା ମଧ୍ୟରେ ପିଲାମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ପେପର-୧ ପରୀକ୍ଷା ସକାଳ ୯ରୁ ୧୨ଟା ଏବଂ ପେପର-୨ ପରୀକ୍ଷା ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା କେନ୍ଦ୍ରରେ ସବୁ ପିଲାଙ୍କୁ ମାସ୍କ ଯୋଗାଇ ଦିଆଯାଇ ନୂଆ ମାସ୍କ ପିନ୍ଧିବା ପାଇଁ କୁହାଯାଇଥିଲା।



ପରୀକ୍ଷାର୍ଥୀମାନେ ଭୁବନେଶ୍ୱର ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଏକ କେନ୍ଦ୍ରରୁ ବାହାରୁଛନ୍ତି।

## ଡ. ପ୍ରତିଭା ରାୟ ପାଇବେ ଉତ୍କଳ ରତ୍ନ ସମ୍ମାନ

**କଟକ ଅଫିସ, ୨୬।୮:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଜ୍ଞାନପୀଠ ବିଜୟିନୀ ଡ. ପ୍ରତିଭା ରାୟଙ୍କୁ ଚଳିତବର୍ଷର ସର୍ବୋଚ୍ଚ ସମ୍ମାନ 'ଉତ୍କଳ ରତ୍ନ' ପ୍ରଦାନ କରାଯିବ। ସେହିପରି ଭୀମ ପୃଷ୍ଟିଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ଆର୍ଯ୍ୟ ଯଜ୍ଞ ଦତ୍ତଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଶଙ୍କର ତ୍ରିପାଠୀଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଦୁର୍ଯ୍ୟୋଧନ ଦାସଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ଡ. ପ୍ରଦ୍ୟୁମ୍ନ କେଶରୀ ସେନାପତିଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ, ଶଶିଭୂଷଣ ମିଶ୍ରଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନ, ମିହିର ଦାସଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ନିର୍ମଳେନ୍ଦୁ କୁମାର ଦାସଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ଶ୍ରୀଷ ପଟେଲଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଡକ୍ଟର ନିରଞ୍ଜନ ସାହୁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ସୁଭାଷ ଶତପଥୀଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ଆରତୀ ଗୋସ୍ୱାମୀଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡ଼ିକ ଉତ୍କଳ ସାହିତ୍ୟ ସମାଜର ୨୦୨୧ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଅନୁଷ୍ଠାନ ସଭାପତି ତରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

## ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ ବେଳାଭୂମି ସୁରକ୍ଷା ମଞ୍ଚର ବିରୋଧ

**ପୁରୀ ଅଫିସ, ୨୬।୮:** ପୁରୀ ଚକ୍ରତୀର୍ଥ ରୋଡ୍ ଚକ୍ରନାରାୟଣ ମନ୍ଦିର ନିକଟ ବେଳାଭୂମିରେ ହେବାକୁ ଥିବା ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ ବେଳାଭୂମି ସୁରକ୍ଷା ମଞ୍ଚ ବିରୋଧ କରୁଛି। ଏନେଇ ଗୁରୁବାର ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ମଞ୍ଚର ଦାବିକୁ ସମର୍ଥନ କରିବା ସହ ବ୍ଲୁ ଫ୍ଲାଗ ପ୍ରସ୍ତାବକୁ ବିରୋଧ କରିଥିଲେ। ବିଧାୟକ ରାଉତରାୟ ପ୍ରଥମେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ପ୍ରତିବାଦ ବୈଠକରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ସମୁଦ୍ରକୂଳରେ ବ୍ଲୁ ଫ୍ଲାଗ୍ ବିଚ୍ କରିବା ପାଇଁ ଯେଉଁ ଯୋଜନା କରାଯାଉଛି ତାହାକୁ ସେ କଡ଼ା ସମାଲୋଚନା କରିଥିଲେ। ସମୁଦ୍ର ଉପରେ ନିର୍ଭର କରି ଶହ ଶହ ବର୍ଷ ହେବ ପେଣ୍ଠକଟାର ମତ୍ସ୍ୟଜୀବୀ ପେଟ ପୋଷି ଆସୁଛନ୍ତି। ସେହପରି ସମୁଦ୍ରକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ହଜାର ହଜାର ବ୍ୟବସାୟୀ ଜୀବିକା ନିର୍ବାହ କରିଥାନ୍ତି। ବ୍ଲୁ ଫ୍ଲାଗ୍ ବିଚ୍ ହେଲେ ଶତାଧିକ ପରିବାର ରୋଜଗାର ହରାଇବେ। ମାତ୍ର ବର୍ତ୍ତମାନର ରାଜ୍ୟ ସରକାର ଗରିବ ବ୍ୟବସାୟୀଙ୍କ ପେଟପାଟଣା କଥା ଚିନ୍ତା ନ କରି କେବଳ ପୁଞ୍ଜିପତିଙ୍କୁ ମାଲାମାଲ କରୁଛନ୍ତି। ସରକାର ଗରିବଙ୍କ କଥା ଯଦି ନ ଶୁଣିଲେ ଆଗାମୀ ଦିନରେ ବିଧାନସଭାରେ ଏ ସମ୍ପର୍କରେ ଆଲୋଚନା କରାଯାଇ କଦାପି ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍‌କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ଆରତୀ



@ ସତ୍ୟବ୍ରତ



@ ଦୀପ୍ତିରଞ୍ଜନ



@ ସୌରଭ



@ ମୁନା

## ଶ୍ରୀମନ୍ଦିର ପରିଦର୍ଶନ କଲେ ନିର୍ବାଚନ କମିଶନର

ପୁରୀ ଅଫିସ/ କୋଣାର୍କ, ୨୬।୮ (ଡି.ଏନ୍.ଏ.)

### ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଲେ

ଭାରତର ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଗୁରୁବାର ପୁରୀ ପରିଦର୍ଶନରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମଧ୍ୟାହ୍ନରେ ନିର୍ବାଚନ କମିଶନର ପାଣ୍ଡେ ସହଧର୍ମିଣୀ ରେଣୁକା ପାଣ୍ଡେଙ୍କ ସହ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇବା ସହ ଶ୍ରୀମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ। ଏହାପରେ ସେମାନେ ରତ୍ନ ସିଂହାସନରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସର ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଣ୍ଡେଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ପରେ ଉଭୟେ କୋଣାର୍କ ଯାଇ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖି ଥିଲେ। ଏହାପରେ ସୂର୍ଯ୍ୟମନ୍ଦିର ଯାଇଥିଲେ। ଗାଇଡ୍ ଆଭାସ ମହାନ୍ତି ମନ୍ଦିର ଇତିହାସ ସମ୍ପର୍କରେ ପାଣ୍ଡେଙ୍କୁ ବୁଝାଇଥିଲେ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ବିମୋହିତ ହୋଇଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର ପାତ୍ର, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଆଇଓଏଫ୍ ସିନିୟର ମ୍ୟାନେଜର ରାଜକିଶୋର ଦଳାଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ,ଏଏସ୍‌ଆଇ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ବିଜେଡିକୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ମାହାଙ୍ଗା ଡବଲ ମର୍ଡର ଘଟଣା ତଦନ୍ତରେ ବିଜେଡି ହସ୍ତକ୍ଷେପ କରି ଅନ୍ୟତମ ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଣ୍ଟ ଘୋଡାଇବାକୁ ଯଥାସମ୍ଭବ ଚେଷ୍ଟା ଚାଲିଛି । ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିବା ବେଳେ ମନ୍ତ୍ରୀ ଜେନାଙ୍କୁ ଛାଡି ଅନ୍ୟ ୧୨ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ପଦବୀର ଅପବ୍ୟବହାର କରିବା ସହ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରି ମନ୍ତ୍ରୀ ନିଜ ନାଁ ଚାର୍ଜସିଟ୍‌ରୁ ବାଦ୍ କରାଇଥିଲେ। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ କହିଛନ୍ତି।ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଚାର୍ଯ୍ୟ କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସ ବହୁ ଚଞ୍ଚକତା କରି ଚାର୍ଜସିଟ୍‌ରୁ ମନ୍ତ୍ରୀଙ୍କ ନାଁ କାଢି ଦେଇଥିବାବେଳେ ପୁଣିଥରେ ତାଙ୍କ ନାଁ ଯୋଡିବା ପାଇଁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ଏହି ନିର୍ଦ୍ଦେଶ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ଶାସକ ବିଜେଡିର ଅସଲ ମୁଖା ଖୋଲି ଦେଇଛି। ମନ୍ତ୍ରୀ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ନେଇ ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ପଷ୍ଟ ପ୍ରମାଣିତ ହୋଇଛି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଭାଜପାର ଏଭଳି ଆଭିମୁଖ୍ୟ ଦେଖି ବିଜେଡି ମୁଖପାତ୍ର ଓକ ପ୍ରକାଶ ସାହୁ କହିଛନ୍ତି, ପିତାମ୍ବର ଆଚାର୍ଯ୍ୟ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ଏପରି ବିଦ୍ୱେଷ ପ୍ରଣୋଦିତ ଏବଂ ମିଥ୍ୟା ବିବୃତ୍ତି ଦେଇ ସେ କେବଳ ନିଜ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁନାହାନ୍ତି, ଓଡିଶା ଭାଜପାକୁ ସେ ଓଡିଶାର ଲୋକଙ୍କ ସାମ୍ନାରେ ଉପହାସ କରୁଥିବା ଦଳରେ ପରିଣତ କରୁଛନ୍ତି। ସେ ଲଜ୍ଜାଜନକ ଭାବେ ଆଇନର ଭୁଲ ବ୍ୟାଖ୍ୟା କରୁଛନ୍ତି ଏବଂ ନିଜର ରାଜନୈତିକ ଏଜେଣ୍ଡା ଅନୁଯାୟୀ ଏକ ଘଟଣାର ସତ୍ୟତାକୁ ବିକୃତ କରୁଛନ୍ତି ଯାହା ତାଙ୍କର ରାଜନୈତିକ କଥାର୍ବାର ଅପରିପକ୍ୱତାକୁ ଦର୍ଶାଉଛି। ଆଶା କରୁଛୁ ରାଜ୍ୟ ଭାଜପା ଏଭଳି ଦାୟିତ୍ୱହୀନ ବ୍ୟକ୍ତିଙ୍କୁ ରାଜନୈତିକ ବିବୃତ୍ତି ରଖିବା ପାଇଁ ପଠାଇବାରୁ ବିରତ ରହିବେ ବୋଲି ସେ କହିଛନ୍ତି।

# ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ହେବ ସାନି ତଦନ୍ତ

### ମାହାଙ୍ଗା ଡବଲମର୍ଡର ଘଟଣା

- ସାନି ତଦନ୍ତ ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ
- ମନ୍ତ୍ରୀଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟିଥିଲା ପୋଲିସ
- କୋର୍ଟରେ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ ମୃତକଙ୍କ ପୁଅ

ନିଶ୍ଚିନ୍ତକୋଇଲି,୨୬।୮(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣା ଗୁରୁବାର ନୂଆ ମୋଡ଼ ନେଇଛି। ଉକ୍ତ ଘଟଣାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ନେଇ ହୋଇଥିବା ଅଭିଯୋଗର ସାନି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍‌ଏଫ୍‌ସି) ମାହାଙ୍ଗା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏଭଳି ନିର୍ଦ୍ଦେଶ ପରେ ମନ୍ତ୍ରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ମାହାଙ୍ଗା ଥାନା ଅଧୀନ ନୃଗାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁୟାରୀ ୨ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ପୋଲିସ ରୁଜୁ କରିଥିବା ମାମଲାରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ, ଯାହାକି ନଂ. ୨୧୭/୨୦୨୧ରେ ପଞ୍ଜୀକୃତ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ମନ୍ତ୍ରୀ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ନୃଗାଙ୍ଗ ପଞ୍ଚାୟତର କୁଳମଣି ଓ ସହଯୋଗୀ ଦିବ୍ୟସିଂ ଘଟଣାଦିନ ବାଇକ୍‌ରେ ଘରକୁ ଆସୁଥିବାବେଳେ ଜଙ୍କୋଠିରେ ସେମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନାରେ ରମାକାନ୍ତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ. ୫/୨୧) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ୯ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଅଛନ୍ତି। ଏନେଇ ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ମନ୍ତ୍ରୀ ଜେନାଙ୍କ ଗିରଫ ଦାବି କରାଯାଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ବାଧ୍ୟହୋଇ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବିଜେଡି ନେତା ଭିକାରୀ ସ୍ୱାଇଁଙ୍କୁ ପରେ ପୋଲିସ ଗିରଫ କରିଥିଲା। ମାତ୍ର ଚାର୍ଜଶିଟ୍‌ରୁ ପୋଲିସ ମନ୍ତ୍ରୀ ଜେନାଙ୍କ ନାମ କାଟି ଦେଇଥିବା ଜଣାପଡ଼ିବା ପରେ ମୃତ କୁଳମଣିଙ୍କ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ମନ୍ତ୍ରୀ ଜେନାଙ୍କୁ ପଚାରିବାରେ ସେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନ କଲେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ



ପୁରୀ ଅଫିସ, ୨୬।୮- ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୋର୍ଯ୍ୟ ଗୁରୁବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନ ସମୟରେ ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ମୋର୍ଯ୍ୟ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଏବଂ ପତିତପାବନ ବାନା ପ୍ରଦାନ କରିଥିଲେ। ପରେ ସୁରକ୍ଷା ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ମୋର୍ଯ୍ୟ ବାଇଶ ପାହାଚ ଦେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧାବିଗ୍ରହଙ୍କୁ ପୂଜାର୍ଚ୍ଚନା କରିବା ସହ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ପ୍ରସ୍ଥାନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସିଥିବା କହିଥିଲେ। ଦେଶରୁ କରୋନା ମହାମାରୀ ଦୂରେଇ ଯିବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ସୂଚନା ଦେଇଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସାମାଜିକ କର୍ମୀ ମଧୁସୂଦନ ପାଢ଼ିଙ୍କ ପରଲୋକ

ଭୁବନେଶ୍ୱର, ୨୬।୮(ବ୍ୟୁରୋ): ବିଶିଷ୍ଟ ସାମାଜିକ କର୍ମୀ ମଧୁସୂଦନ ପାଢ଼ୀଙ୍କ ୯୧ ବର୍ଷ ବୟସରେ ଗତ ୨୪ ତାରିଖ ଦିନ କଟକ ମହାନଦୀବିହାର ସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ସୁଭାଷିନୀ ପାଢ଼ୀ, ପୁତ୍ର, ପୁତ୍ରବଧୂ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେ ଓଡିଶା ସରକାରଙ୍କ ଉଚ୍ଚ ପଦବୀରୁ ୧୯୮୫ରେ ଅବସର ନେବାପରେ ଗତ ୩୬ ବର୍ଷ ଧରି ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ସେ କଟକ ସତ୍ୟସାଇସେବା ସଂସ୍ଥାର କନ୍‌ଭେନର ଭାବେ ରହି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଜାରି ରଖିଥିଲେ। ସେ ଜଣେ ସଚ୍ଚୋଟ, କର୍ମନିଷ୍ଠ ବ୍ୟକ୍ତି ଥିଲେ।

# ବ୍ୟବସାୟୀଙ୍କୁ ଅପହରଣ, ଲୁଟ୍ କରି ଫିଙ୍ଗିଦେଲେ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

**ଅସୁରକ୍ଷିତ ରାଜଧାନୀର ଜାତୀୟ ରାଜପଥ**
- କୋରାପୁଟରୁ ଧନିଆ ପତ୍ର କିଣି ପିକ୍‌ଅପ୍‌ରେ କଟକ ଫେରୁଥିଲେ
- ସ୍ପେଶାଲ ସ୍କ୍ୱାଡ୍ ପୋଲିସ କହି ଅଟକାଇଥିଲେ ଦୁର୍ବୃତ୍ତ
- ହାଇଟେକ ଛକରୁ ମିଳିଲା ପିକ୍‌ଅପ୍ ଭ୍ୟାନ୍

ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥରେ ଲୁଟେରାଙ୍କ ରାଜ୍ ଚାଲିଛି। ରାତି ବଢ଼ିଲେ ଯାତ୍ରୀଙ୍କ ଧନଜୀବନ ଅସୁରକ୍ଷିତ ହୋଇପଡୁଛି। ପାଟ୍ରୋଲିଂ ସେପରି ହେଉ ନ ଥିବାରୁ ସେମାନେ ପୋଲିସ ସାଜି ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛନ୍ତି। ବୁଧବାର ରାତିରେ ଲୁଟେରାମାନେ ସ୍ପେଶାଲ ସ୍କ୍ୱାଡ୍ ନାଁରେ କୋରାପୁଟରୁ ଫେରୁଥିବା ଜଣେ ବ୍ୟବସାୟୀଙ୍କୁ ଅପହରଣ କରିନେବା ପରେ ଲୁଟ୍ କରି ଫିଙ୍ଗି ଦେଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ଜଣକ ହେଲେ କଟକ ବାଦମବାଡ଼ି ଥାନା ଶଙ୍କରପୁରର ବ୍ୟବସାୟୀ ପ୍ରହ୍ଲାଦ ସାହୁ। ତାଙ୍କ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା (ନଂ.୨୪୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୁରୁବାର ସକାଳୁ ପ୍ରହ୍ଲାଦଙ୍କ ଧନିଆ ପତ୍ର ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍‌ଟି ହାଇଟେକ୍ ଛକ ଅଞ୍ଚଳରୁ ମିଳିଥିବାବେଳେ ଅଭିଯୁକ୍ତଙ୍କ ଟେର୍ ପାଇପାରୁ ନାହିଁ ପୋଲିସ। ଅଭିଯୋଗ ଅନୁଯାୟୀ, ବ୍ୟବସାୟୀ ପ୍ରହ୍ଲାଦ କୋରାପୁଟରୁ ଧନିଆ ପତ୍ର କିଣି ପିକ୍‌ଅପ୍ ଭ୍ୟାନ୍‌ରେ କଟକ ଫେରୁଥିଲେ। ସେ ନିଜେ ଗାଡି ଡ୍ରାଇଭିଂ କରୁଥିଲେ। ବୁଧବାର ବିଳମ୍ବିତ ରାତିରେ ପ୍ରହ୍ଲାଦ ଖଣ୍ଡିଗିରି ଦେଇ ଆସୁଥିବାବେଳେ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜୟଦେବ ବିହାର ଛକ ଶୁନ୍‌ଶାନ ଦେଖି ସେମାନେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ପ୍ରଥମେ ସେମାନେ ନିଜକୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପରିଚୟ ଦେଇଥିଲେ। ଗାଡିରେ ଗଞ୍ଜେଇ ଥିବା କହି ଜୋର ଜବରଦସ୍ତ ଥାନାକୁ ଯିବା ପାଇଁ କହିଥିଲେ। ଏହାପରେ କେତେଜଣ ଦୁର୍ବୃତ୍ତ ପ୍ରହ୍ଲାଦଙ୍କ ଗାଡିରେ ବସି ତାଙ୍କୁ କାବୁକରି ନେବା ସହ ଗାଡ଼ିକୁ ଚକେଇସିଆଣି ଅଞ୍ଚଳକୁ ନେଇଯାଇଥିଲେ। ଅନ୍ଧାରିଆ ସ୍ଥାନରେ ଗାଡ଼ି ଭିତରେ ପ୍ରହ୍ଲାଦଙ୍କୁ ପ୍ରବଳ ମାଡ଼ମାରି ପାଖରେ ଥିବା ୩ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଲୁଟ କରି ବାହାରକୁ ଫୋପାଡି ଦେଇଥିଲେ। ଏହାପରେ ସେମାନେ ପିକ୍‌ଅପ୍ ଭ୍ୟାନକୁ ନେଇ ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ପ୍ରହ୍ଲାଦ ମଞ୍ଚେଶ୍ୱର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇଥିବାବେଳେ ସକାଳୁ ହାଇଟେକ ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଥୁଆ ହୋଇଥିବା ଖବର ମିଳିଥିଲା।



ଉଦ୍ଧାର ପିକ୍‌ଅପ୍।

**ଅପରାଧ ବଢ଼ାଉଛି ଢ଼ିଲା ପାଟ୍ରୋଲିଂ ବ୍ୟବସ୍ଥା**

ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ୧୬ ନଂ. ଓ ୩୧୬ ନଂ.ଜାତୀୟ ରାଜପଥ ରହିଛି। ଏହି ଦୁଇ ରାସ୍ତାରେ ରାତିସାରା ଗାଡ଼ିମୋଟର ଚଳାଚଳ ଓ ଲୋକଙ୍କ ଯାତାୟାତ ଲାଗି ରହୁଥିବାବେଳେ ନାନା ଅପରାଧର ଶିକାର ହେଉଛନ୍ତି। ଅପରାଧୀମାନେ ଗାଡ଼ି ଅଟକାଇ ଦାଦାବଟି ଆଦାୟ, ଲୁଟ୍ ଓ ଅପହରଣ କରୁଛନ୍ତି। ସବୁ ରାତିରେ କେଉଁଠି ନା କେଉଁଠି ଛୋଟବଡ଼ ଲୁଟ୍ ହେଉଥିଲେ ମଧ୍ୟ ପୋଲିସର ଚେତା ପଶୁନି। ଘଟଣା ଘଟିଲେ ପୋଲିସ ପାଟ୍ରୋଲିଂ ଜୋର୍‌ଦାର କରୁଛି। କିନ୍ତୁ ପରବର୍ତ୍ତୀ ସମୟରେ ଦେଖାମିଳୁନି। ଅନେକ ସମୟରେ ରାଜପଥ ପାର୍ଶ୍ୱରେ ପିସିଆର୍ ଗାଡ଼ି ରଖି କର୍ମଚାରୀମାନେ ଶୋଇଯାଉଥିବା ମଧ୍ୟ ନଜରକୁ ଆସୁଛି। କମିଶନରେଟ ପୋଲିସର ଏପରି ଢ଼ିଲା ଆଭିମୁଖ୍ୟ ପାଇଁ ଅପରାଧୀମାନେ ସହରର ପ୍ରମୁଖ ଅଞ୍ଚଳରେ ଏଭଳି ଅପହରଣ ଓ ଲୁଟ୍ ଘଟଣା ଘଟାଇବାକୁ ସାହସ କଲେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିପାଇଁ ସେମାନେ ପୋଲିସକୁ ଦାୟୀ କରି ଜାତୀୟ ରାଜପଥରେ ବିଳମ୍ବିତ ରାତିରେ କଡା ପାଟ୍ରୋଲିଂ ଜାରି ରଖିବାକୁ କହିଛନ୍ତି।

### ଘର ତାଲା ଭାଙ୍ଗି ଚୋରି, ୩ ଗିରଫ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ତାଲା ଭାଙ୍ଗି ଘରୁ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଏକ ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଘାଟିକିଆର ଶ୍ରୀମନ୍ତ ସେଠୀ(୨୨), ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାଞ୍ଚଳର ସୁରଜ ସାମଲ(୨୦) ଓ ସ୍ଥାନୀୟ ଥାନାଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ହୁମା ଥାନାର ନିରଞ୍ଜନ ଦାସ(୨୧)। ଏମାନଙ୍କଠୁ ପୋଲିସ ୨ ଟିଭି, ଗୋଟିଏ ଗ୍ରାଇଣ୍ଡର, ଦୁଇଟି ସିଲିଣ୍ଡର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏମାନଙ୍କ ନାମରେ ରାଜଧାନୀର ଅନ୍ୟ ଥାନାଗୁଡିକରେ ଏକାଧିକ ମାମଲା ଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଜୁଲାଇ ୨୨ରେ ସ୍ଥାନୀୟ ଥାନା ଜିଏ ପ୍ଲଟ ନଂ.୨୯୬ରେ ରହୁଥିବା ଗଣେଶ ପ୍ରଧାନ ପରିବାର ଲୋକଙ୍କ ସହ ଗାଁକୁ ଯାଇଥିଲେ। ସେହି ରାତିରେ ଅଭିଯୁକ୍ତମାନେ ଘରର ତାଲା ଭାଙ୍ଗି ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୯୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଏବେବି ଲାଗୁଛି ଲମ୍ୱା ଲାଇନ**



ରାଜଧାନୀରେ ଶତପ୍ରତିଶତ ଟିକାଦାନ ହୋଇଥିବା ନେଇ କିଛିଦିନ ତଳେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କୁହାଯାଇଥିଲା।

### ଆଜି ମହାପ୍ରଭୁଙ୍କ ରାହୁ ରେଖା ନୀତି

ପୁରୀ ଅଫିସ,୨୬।୮

ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ବା ରେଖା ପଞ୍ଚମୀ ତିଥି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାହୁ ରେଖା ଲାଗି କରାଯିବ। ଶ୍ରୀଜୀଉଙ୍କ ଶ୍ରୀମୁଖ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଲାଗି କରାଯିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବାୟତମାନେ ଗୋଷ୍ଠୀଗତ ଭାବେ ଏହି ଗୁପ୍ତ ନୀତିକୁ ନିଷ୍ଠାର ସହ ସମ୍ପାଦନ କରିବେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପ୍ରଥମ ଭୋଗ ସରିବା ପରେ ରାହୁରେଖା ଲାଗି ନୀତି ଆରମ୍ଭ ହେବ। ଏହି ନୀତି ସମ୍ପାଦନ କରାଯିବା ସମୟରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ରହିବ। ତେବେ ଶୁକ୍ରବାର ଅପରାହ୍ନ ୨ଟାରୁ ସୋମବାର ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ।

### ଦିନକରେ ୫ ଟନ୍ 'ମୋ ଖତ' ବିକ୍ରି

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ଜୋନ୍‌ରୁ 'ମୋ ଖତ' ବିକ୍ରୟ ଗୁରୁବାର ଆରମ୍ଭ ହୋଇଛି। ୱାର୍ଡ୍ ନଂ.୨୨ ଓ ୨୪ ପାଇଁ ଭରତପୁରଠାରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରୁ ପ୍ରଥମ ଦିନରେ ଉଦ୍ୟାନ କୃଷି କାର୍ଯ୍ୟାଳୟ ପକ୍ଷରୁ ୫ଟନ୍ ଖତ କିଣାଯାଇଛି। ଏହି ଅବସରରେ ଜୋନାଲ୍ ଡେପୁଟି କମିଶନର ରବି ନାରାୟଣ ଜେଠୀ ଉପସ୍ଥିତ ଥିଲେ। ଡେପୁଟି କମିଶନର ସାନିଟେଶନ ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସାନିଟାରୀ ଇନ୍ସପେକ୍ଟର, ବିଏମ୍‌ସି ଏସ୍‌ବିଏ ସେଲ୍ ଓ ସାନିଟେଶନ ଏକ୍ସପର୍ଟମାନେ ଏଠାରେ କାର୍ଯ୍ୟ କରୁଛନ୍ତି। ଅଦ୍ୟାବଧି ଭୁବନେଶ୍ୱରରେ ୨୦ ଏମ୍‌ସିସି କାର୍ଯ୍ୟ କରୁଥିବାବେଳେ ଇତିମଧ୍ୟରେ ପ୍ରାୟ ୨୦ ଟନ୍‌ର 'ମୋ ଖତ' ବିକ୍ରୟ ହୋଇସାରିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିଚାଳନାରେ ନାଗରିକଙ୍କ ସହଯୋଗରେ ୩ ଜୋନ୍‌ରେ ଚାଲୁ ରହିଥିବା ଏମ୍‌ସିସି ଏହି ଜୈବିକ ସାର ଯୋଗାଇ ଆସୁଛନ୍ତି। ଅନ୍ୟପକ୍ଷରେ ରାଜମହଲ ଛକଠାରେ ଥିବା 'ମୋ ଖତ'ର ସ୍ୱତନ୍ତ୍ର କାଉଣ୍ଟରରେ ଦିନକୁ ପ୍ରାୟ ୧ କୁଇଣ୍ଟାଲ ଖତ ବିକ୍ରୟ ହେଉଛି। ଏହାସହ ଘରୋଇ ଓ ସରକାରୀ ଚାହିଦା ମୁତାବକ ଅଗ୍ରିମ ଅର୍ଡର ନିଆଯାଇ ଖତ ଯୋଗାଇ ଦିଆଯାଉଛି। ନିକଟରେ ୱାଟର୍ ସେଡ୍ ଖୋର୍ଦ୍ଧାଙ୍କଠାରୁ ୮୫ ମେଟ୍ରିକ ଟନ୍‌ର ଅର୍ଡର ରଖାଯାଇଛି। 'ମୋ ଖତ'ର ଚାହିଦା ବୃଦ୍ଧିରେ ଏସ୍‌ଏଚ୍‌ଜି ମହିଳା, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପରଭାଇଜରଙ୍କ ପ୍ରମୁଖ ଭୂମିକା ରହିଥିବା ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।



ଭରତପୁର ଏମ୍‌ସିସିରେ ମୋ ଖତ ବିକ୍ରୟର ଶୁଭାରମ୍ଭ କରାଯାଉଛି।

### ସବୁ ଗୁରୁବାର 'ମୋ ସାଇକେଲ' ମାଗଣା

ଭୁବନେଶ୍ୱର, ୨୬।୮



ରାଜ୍ୟ ସରକାରଙ୍କ 'ମୋ ସାଇକେଲ' ଅଭିଯାନରେ ସ୍ମାର୍ଟ ସିଟି ଭୁବନେଶ୍ୱରବାସୀ ପ୍ରତି ଗୁରୁବାର ମାଗଣାରେ ସାଇକେଲ ଚଲାଇପାରିବେ। ରାଜଧାନୀରେ ସାଇକ୍ଲିଂକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସ୍‌ସିଏଲ୍) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। 'ମୋ ସାଇକେଲ' ଚଲାଇବା ନିମନ୍ତେ ଦେୟ ଦେବାକୁ ପଡୁଥିବାବେଳେ ଏଣିକି ସପ୍ତାହକୁ ଥରେ ଭୁବନେଶ୍ୱର ବାସିନ୍ଦା ମାଗଣାରେ ପ୍ରାତଃଭ୍ରମଣ ପାଇଁ ଏହି ସୁବିଧା ପାଇବେ। କୋଭିଡ୍-୧୯ ମହାମାରୀବେଳେ ସାଇକେଲଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହିଥିଲା। ଏଭଳି ନିଷ୍ପତ୍ତି ପରେ ଲୋକେ ପୁଣି ଏଥିପ୍ରତି ଆକୃଷ୍ଟ ହେବେ ବୋଲି ବିଏସ୍‌ସିଏଲ୍ ଆଶା କରିଛି। ପ୍ରତି ଗୁରୁବାର ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ରାଜଧାନୀବାସୀ ଏହି ସାଇକେଲ ମାଗଣାରେ ଚଲାଇ ପାରିବେ। ଏଥିପାଇଁ ମୋବାଇଲ ଫୋନ୍‌ରେ ୟାନା/ୟୁଲୁ ଆପ୍ ଇନ୍‌ଷ୍ଟଲ କରିବା ଆବଶ୍ୟକ ବୋଲି ବିଏସ୍‌ସିଏଲ୍ କହିଛି।

### 'ଯୁବକମାନେ ଦେଶ ଗଠନର ନେତୃତ୍ୱ ନିଅନ୍ତୁ'

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

**ରାଜ୍ୟସ୍ତରୀୟ ଇକୋସେଭର୍ସ ୟୁଥ୍ ନେଟ୍‌ୱର୍କ ଯୁବ ଶିବିର**

ଦୁଇଦିନିଆ ରାଜ୍ୟସ୍ତରୀୟ ଇକୋସେଭର୍ସ ୟୁଥ୍ ନେଟ୍‌ୱାର୍କର ଶିବିର ଭୁବନେଶ୍ୱରସ୍ଥିତ ଡିଆର୍‌ଟିସିଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ କଲ୍‌ଚରାଲ୍ ସେଣ୍ଟର (ପିକକ୍) ଓ ଫ୍ଲୋରଲଦ୍ରାଲୋସା ବାର୍ନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୧୧ ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଶିବିର ସମ୍ପର୍କରେ କହିବା ସହ ଯୁବକମାନେ ଦେଶ ଗଠନରେ ନେତୃତ୍ୱ ନେଇ ଉଦାହରଣ ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଅନ୍‌ଲାଇନ୍‌ରେ ଯୋଗଦେଇ ଯୁବଗୋଷ୍ଠୀମାନଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେମାନଙ୍କ କାର୍ଯ୍ୟକୁ ଆହୁରି ବ୍ୟାପକ ଭାବେ କିପରି ଆଗକୁ ନେଇହେବ ସେଥିପାଇଁ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ପରାମର୍ଶ ଦେଇଥିଲେ। ଆଡପ୍‌ଶନସେଣ୍ଟ୍ରମ୍ ଭାରତର ନିର୍ଦ୍ଦେଶିକା ରୁବି ରାଉତ କୋଭିଡ୍ ଗାଇଡଲାଇନ ଉପରେ ସଚେତନତା ସୃଷ୍ଟି କରିବାରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଯୁବ ଗୋଷ୍ଠୀଙ୍କ ପାଇଁ ବିଭିନ୍ନ ବିଷୟରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜାତୀୟ ସୂଚନା କେନ୍ଦ୍ରର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ନାରାୟଣ ବେହେରା ଅନ୍‌ଲାଇନ ସୁରକ୍ଷା, ବୈତରଣୀ ଇନିସିଏଟିଭ୍‌ର ଦୀପକ କୁମାର ମିଶ୍ର ପରିବେଶର ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଓ ଯୁବ ଗୋଷ୍ଠୀର କାର୍ଯ୍ୟ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପୂର୍ବତନ ସଦସ୍ୟ ହରିହର ନାୟକ ଶିଶୁ ସୁରକ୍ଷା କ୍ଷେତ୍ରରେ ଯୁବ ଗୋଷ୍ଠୀର ଭୂମିକା, ପିକକ୍‌ର ଉପମା ମହାନ୍ତି ଲିଙ୍ଗଗତ ସମସ୍ୟା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଇକୋସେଭର୍ସ ୟୁଥ୍ ନେଟ୍‌ୱାର୍କର କୋର ଟିମ୍ ଗଠନ କରାଯାଇଥିଲା। ପିକକ୍‌ର ଜ୍ୟୋତିଶଙ୍କର ମହାନ୍ତି, ଅଲ୍ପନା ଦାଶ, ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ।

### ଡ. ନୀଳାଦ୍ରି ବିହାରୀଙ୍କୁ 'ରବିନାରାୟଣ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)



ଅତିଥିଙ୍କ ଗହଣରେ 'ରବିନାରାୟଣ ସ୍ମୃତି ସମ୍ମାନ ସହ ଡ. ନୀଳାଦ୍ରି ବିହାରୀ ମିଶ୍ର।

ଐତିହାସିକ ତଥା ବିଶିଷ୍ଟ ନୃତତ୍ତ୍ୱବିତ୍ ଡ. ରବିନାରାୟଣ ଦାଶଙ୍କ ତ୍ରୟୋଦଶ ଶ୍ରାଦ୍ଧୋତ୍ସବ ଗୁରୁବାର ପାଳିତ ହୋଇଛି। କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ପ୍ରଫେସର ପ୍ରେମାନନ୍ଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂଜ୍ୟପୂଜା ପରମ୍ପରା କ୍ରମଶଃ ଲୋପ ପାଇଯାଉଥିବାରୁ ସେ କ୍ଷୋଭପ୍ରକାଶ କରିଥିଲେ। ପରବର୍ତ୍ତୀ ପିଢ଼ି କିଭଳି ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ କାର୍ଯ୍ୟ କରିବେ ସେ ଦିଗରେ ଆମେ ସମସ୍ତେ ଯତ୍ନବାନ୍ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଡ. ନୀଳାଦ୍ରି ବିହାରୀ ମିଶ୍ରଙ୍କୁ ୫ମ 'ରବିନାରାୟଣ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶୁଚିସ୍ମିତା ମନ୍ତ୍ରୀ ଓ ସୁବ୍ରତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ଦାଶଙ୍କ ଅପ୍ରକାଶିତ ଲେଖାଗୁଡ଼ିକୁ ପ୍ରକାଶନ ନେଇ ଗୁରୁତ୍ୱାରୋପ କରିଥିଲେ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ସଙ୍ଗୀତ ପରିବେଷଣ କରିଥିବାବେଳେ ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଅଧ୍ୟାପକ ଡ. ଜେନାମଣି ସଞ୍ଜୀବ କୁମାର ମାନପତ୍ର ପାଠ କରିଥିଲେ। ସମାରୋହରେ ଡ. ଶକୁନ୍ତଳା ବଳିୟାର ସିଂ, ତନୟାଦାସ ଗୋସ୍ୱାମୀ, ଡ.ରମେଶ ଚନ୍ଦ୍ର ମଲ୍ଲିକ, ଜଗତଚନ୍ଦ୍ର ଦାସ, ଅଲେଖ ନନ୍ଦୀ, ଡ. ମନ୍ମଥ କୁମାର ଶତପଥୀ ଯୋଗଦେଇଥିଲେ। ପ୍ରତିଷ୍ଠାନ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ।

# ମାଷ୍ଟରମାଇଣ୍ଡ୍ ଅନୁଗୋଳରୁ ଗିରଫ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

**ଏକାଧିକ ଏଟିଏମ୍‌ରୁ ହରିୟାଣା ଗ୍ୟାଙ୍ଗ୍‌ର ଟଙ୍କା ଲୁଟ୍ ଘଟଣା**

ଓଡ଼ିଶାରେ ଏକାଧିକ ଏଟିଏମ୍‌ରୁ ଅଭିନବ ଉପାୟରେ ଟଙ୍କା ଲୁଟୁଥିବା ହରିୟାଣା ଗ୍ୟାଙ୍ଗ୍‌ର ୨ ଜଣଙ୍କୁ ବୁଧବାର କମିଶନରେଟ ପୋଲିସ ଭୁବନେଶ୍ୱରରୁ କାବୁ କରିଥିଲା। ତେବେ ଫେରାର ହୋଇଯାଇଥିବା ଗ୍ୟାଙ୍ଗ୍ ମୁଖ୍ୟ ତଥା ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଅନୁଗୋଳରୁ ଗିରଫ କରିଛି। ଏହା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ହୋଇଥିବାରୁ ପୋଲିସ ଗିରଫ ଅଭିଯୁକ୍ତଙ୍କ ପରିଚୟ ପ୍ରଦାନ କରିନାହିଁ। ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା ଜାରି ରଖିଛି। ଏମାନେ କେତେଦିନ ହେଲା ହରିୟାଣାରୁ ଓଡ଼ିଶା ଆସିଥିଲେ। ଅନ୍ୟ କେଉଁ ଉପାୟରେ ଏଟିଏମ୍‌ରୁ ଟଙ୍କା ଲୁଟୁଥିଲେ। ଏହି ଗ୍ୟାଙ୍ଗ ସହ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି। ରାଜ୍ୟ ତଥା ବାହାରେ ମୋଟ କେତୋଟି ଏଟିଏମ୍‌ରୁ ଏମାନେ ଲୁଟ୍‌ପାଟ କରିଛନ୍ତି। ଏଭଳି ଅନେକ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଦିନେ କିମ୍ବା ଦୁଇଦିନ ଭିତରେ ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଏହି ଗ୍ୟାଙ୍ଗ୍ ସଦସ୍ୟମାନେ ଭୁବନେଶ୍ୱରରେ ହୋଟେଲ ଭଡ଼ା ନେଇ ରହିବା ସହ ଏଟିଏମ୍‌ରୁ ଟଙ୍କା ଲୁଟ୍ କରୁଥିଲେ। ଏଟିଏମ୍‌ର କ୍ୟାଶ୍ ବାହାରିବା ସ୍ଥାନରେ ଏକ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଲଗାଇ ଆଖପାଖରେ ଛକି ରହୁଥିଲେ। କେହି ବ୍ୟକ୍ତି ଟଙ୍କା ଉଠାଇବା ସମୟରେ ଟଙ୍କା ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ପ୍ରଭାବରେ ଅଟକି ଯାଉଥିଲା। ଗ୍ରାହକ ଟଙ୍କା ବାହାର ନ କରି ନିରାଶ ହୋଇ ଫେରିବା ପରେ ସେସବୁ ଟଙ୍କାକୁ ସମ୍ପୃକ୍ତ ଲୁଟେରାମାନେ ଉଠାଇ ନେଉଥିଲେ। ତେବେ କଟକ-ଭୁବନେଶ୍ୱର ଦ୍ୱୈତନଗରୀର ବିଭିନ୍ନ ଏଟିଏମ୍‌ରୁ ଲୁଟ୍‌ବେଳେ ଏହାର ସୂଚନା ଦିଲ୍ଲୀରେ ଥିବା ବ୍ୟାଙ୍କ୍‌ର ଗୋଇନ୍ଦା ସଂସ୍ଥା ପାଖରେ ପହଞ୍ଚୁଥିଲା। ଉକ୍ତ ସଂସ୍ଥା ସିସିଟିଭି ଫୁଟେଜରୁ ଭିଡିଓ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଚାରିଆଡକୁ ସୂଚନା ପଠାଇ ସତର୍କ କରି ଏହା ଉପରେ ନଜର ରଖିଥିଲା। ତେବେ ବୁଧବାର ସକାଳ ପ୍ରାୟ ୭ଟା ୫୦ରେ ଲିଙ୍ଗରାଜ ଥାନା ବଢ଼େଇବାଙ୍କ ଏଟିଏମ୍‌ରୁ ସମାନ ଢଙ୍ଗରେ ୨ଜଣ ଲୁଟ୍ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତଙ୍କ ଫଟୋ ଦିଲ୍ଲୀର ଉକ୍ତ ସଂସ୍ଥା ପାଖରେ ପହଞ୍ଚିଥିଲା। ତୁରନ୍ତ ଶହୀଦନଗରସ୍ଥିତ ଏଟିଏମ୍ ମେଣ୍ଟେନାନ୍ସ ସଂସ୍ଥାକୁ ଜଣାଇବା ପରେ ଏହାର କର୍ମଚାରୀମାନେ ଶୀଘ୍ର ସେଠାରେ ପହଞ୍ଚି ଏଟିଏମ୍‌ର ଶଟର ପକାଇଦେବାରୁ ଭିତରେ ଦୁଇ ଅଭିଯୁକ୍ତ ରହିଯାଇଥିଲେ। ଲିଙ୍ଗରାଜ ଥାନା ପୋଲିସ ସହ ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସେମାନଙ୍କଠାରୁ ପୋଲିସ ଏକାଧିକ ଏଟିଏମ୍ କାର୍ଡ ଓ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଜବତ କରିଥିଲା। ହୋଟେଲରେ ପୋଲିସ ଚଢ଼ାଉ ବେଳେ ମାଷ୍ଟରମାଇଣ୍ଡ୍ ଫେରାର ହୋଇଯାଇଥିବାବେଳେ ସେଠାରୁ ଏକ ଦାମୀ କାର୍ ଜବତ କରିଥିଲା।

## ମହିଳା ସମାନତା ଦିବସ

**କଟକ ଅଫିସ:** କଟକ ବରିଷ୍ଠ ମହିଳା ଶାଖା ପକ୍ଷରୁ କେଶରପୁର କଟକ ବରିଷ୍ଠ ନାଗରିକ ମହାସଭା ସଭାଗୃହରେ ମହିଳା ସମାନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ପାରିବାରୁ ଅସମାନତା ବୃଦ୍ଧି ପାଉଛି। ଏଣୁ ମହିଳାଙ୍କୁ ସଚେତନ କଲେ କମ୍ ବୟସରେ ବାଳିକା ବାହାଘର ରୋକାଯାଇ ପାରିବ। ଏଥିରେ ଅନ୍ୟତମ ଅତିଥି ଭାବେ ଡା. କୃପାସିନ୍ଧୁ ପଣ୍ଡା ଓ ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତ ଯୋଗଦେଇଥିଲେ। ସଂଗଠନର ଅଧ୍ୟକ୍ଷା ନମିତା ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଠକେଇ ଅଭିଯୋଗରେ ଯୁବକ ଗିରଫ

**କଟକ ଅଫିସ,୨୬।୮:** ଠକେଇ ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ସାତବାଟିଆର ଦେବଦତ୍ତ ଭୂୟାଁ। ଅଭିଯୋଗ ଅନୁଯାୟୀ, ଖାନ୍‌ନଗର ନୂଆସାହିର ସତ୍ୟନାରାୟଣ ଜେନାଙ୍କୁ ଏକ କାର ଶସ୍ତାରେ କିଣାଇ ଦେବାପାଇଁ ଅଭିଯୁକ୍ତ ଭୁବନେଶ୍ୱର ନୂଆପଲ୍ଲୀର ନିର୍ମଳ ମହାପାତ୍ରଙ୍କ ସହ ଭେଟ କରାଇଥିଲେ। ପରେ ଉଭୟଙ୍କୁ ସତ୍ୟନାରାୟଣ ଗତ ଜାନୁୟାରୀରେ ଅଗ୍ରୀମ ୧ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ କାର ଦେଇଥିଲେ ମଧ୍ୟ ମାଲିକାନା ହସ୍ତାନ୍ତର କରି ନ ଥିଲେ। ଏନେଇ ସତ୍ୟନାରାୟଣ ବୁଝିବାରୁ କାରଟି ଋଣରେ କିଣାଯାଇଛି। ୩ଲକ୍ଷ ଟଙ୍କା କିସ୍ତି ବାକି ରହିଥିବା ଜାଣିପାରିଥିଲେ। ସେଥିପାଇଁ କାରର ମାଲିକାନା ପରିବର୍ତ୍ତନ ହେଉନଥିବା ଜାଣିପାରିଥିଲେ। ଫଳରେ ସେ ଠକେଇର ଶିକାର ହୋଇଥିବା ନେଇ ସେ ଗତ ୨୫ରେ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୫୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଅନ୍ୟତମ ଅଭିଯୁକ୍ତ ନିର୍ମଳ ଫେରାର ଥିବା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

### ଡ୍ରିମ୍ସ ପଲିଟେକ୍‌ନିକରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୨୬।୮:** ଡ୍ରିମ୍ସ ପଲିଟେକ୍‌ନିକ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସୁବୁଦ୍ଧି (୪୫)ଙ୍କର ବୁଧବାର ପରଲୋକ ହୋଇଯାଇଛି। କରୋନା ପଜିଟିଭ ଚିହ୍ନଟ ପରେ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରା, ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତ୍ୟବ୍ରତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଅଧାପକ ସୁବୁଦ୍ଧିଙ୍କ ସ୍ମୃତିଚାରଣ କରିଥିଲେ।

### ୮୭୫ ବ୍ୟବସାୟୀଙ୍କ ଟ୍ରେଡ୍ ଲାଇସେନ୍ସ ନାହିଁ

**କଟକ ଅଫିସ,୨୬।୮:** ସହରର ବିଭିନ୍ନ ସ୍ଥାନରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୮୯୬ ଦୋକାନ ଘର ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୮୭୫ ଦୋକାନକୁ ଭଡାସୂତ୍ରରେ ଦିଆଯାଇଛି। ହେଲେ ଏହାକୁ ଭଡା ସୂତ୍ରରେ ନେଇଥିବା ୮୭୫ ବ୍ୟବସାୟୀଙ୍କ ଟ୍ରେଡ୍ ଲାଇସେନ୍ସ ନ ଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଏହି କ୍ଷେତ୍ରରେ ଦୁର୍ନୀତି ହୋଇଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନର କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ ଗୁରୁବାର ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ମୋ କଟକ ସୁରକ୍ଷା ମଞ୍ଚ ସଭାପତି ଅକ୍ଷୟ ପଣ୍ଡା, ପ୍ରତାପ ମହାନ୍ତି, ହୃଦାନନ୍ଦ ପଟ୍ଟନାୟକ, ଦିଲ୍ଲୀପ କୁମାର ପାଣି ଓ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋକ ଉପାସରେ ଦିନ କାଟୁଛନ୍ତି ମୂର୍ତ୍ତି କାରିଗର



ଜଣେ କାରିଗର ମୂର୍ତ୍ତି ଗଢୁଛନ୍ତି।

**ନିଶ୍ଚିନ୍ତକୋଇଲି, ୨୬।୮ (ସ୍ୱ.ପ୍ର.)**

ଲକ୍‌ଡାଉନ୍ ପରେ ମୂର୍ତ୍ତିକାରିଗରମାନେ ସେମାନଙ୍କ କୌଳିକବୃତ୍ତିକୁ ଫେରିଛନ୍ତି। ତେବେ ପୂଜା ପାର୍ବଣ ଉପରେ କଟକଣା ଲାଗିଥିବାରୁ ସେମାନେ ପ୍ରସ୍ତୁତ କରିଥିବା ମୂର୍ତ୍ତି ବିକ୍ରି ହେଉନାହିଁ। ଏନେଇ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ମୂର୍ତ୍ତି କାରିଗରମାନେ ହତାଶ ହୋଇଯାଇଛନ୍ତି। ବ୍ଲକର ଓଥକା, ନେମାଳ, ସାଧକ ନଗର, ଅଣସରପୁର, ସୁନାଲୁଣ୍ଡା, ଅସୁରେଶ୍ୱର ଆଦି ମୂର୍ତ୍ତି କାରିଗରଙ୍କ ଗ୍ରାମଭାବେ ପରିଚିତ। ଗ୍ରାମର କୁମ୍ଭାର ସମ୍ପ୍ରଦାୟର ଲୋକେ ବଂଶାନୁକ୍ରମିକ ଭାବେ ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ପ୍ରତିବର୍ଷ ଏହି କାରିଗରମାନେ ମାଟିରେ ଖୁଦୁରୁକୁଣୀ, ବିଶ୍ୱକର୍ମା, କାର୍ତ୍ତିକେଶ୍ୱର, ଗଣେଶ, ସରସ୍ୱତୀ ଆଦି ଦେବଦେବୀଙ୍କ ମୂର୍ତ୍ତି ତିଆରି କରିଥାନ୍ତି। ସେଗୁଡିକୁ ରାସାୟନିକ ରଙ୍ଗ ଦିଆଯାଇ ଝଲମଲ କରାଯାଏ। ସ୍ଥାନୀୟ ଅଞ୍ଚଳର କାରିଗରମାନେ ରାଜ୍ୟର ବିଭିନ୍ନ

### ପାର୍ବଣରେ କରୋନା ଚଡ଼କ

ସ୍ଥାନକୁ ଯାଇ ଏସବୁ ସୁନ୍ଦର ରଙ୍ଗବେରଙ୍ଗର ମୂର୍ତ୍ତି ବିକ୍ରି କରି ଭଲ ରୋଜଗାର କରିଥାନ୍ତି। ତେବେ କରୋନା ମହାମାରୀ ଯୋଗୁ ଦୀର୍ଘ ଦେଢ ବର୍ଷ ହେବ ସେମାନଙ୍କ ବ୍ୟବସାୟ ମାନ୍ଦା ପଡ଼ିଛି। ଚଳିତ ବର୍ଷ ପାର୍ବଣରେ ମୂର୍ତ୍ତି ତିଆରି କରି କ୍ଷତି ଭରଣା କରିବାକୁ ସେମାନେ ଚିନ୍ତା କରିଥିବାବେଳେ ଏହି ସମୟରେ ସରକାରଙ୍କ ନୂତନ ଗାଇଡଲାଇନ୍ ସେମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି।

ଅପରପକ୍ଷେ ସାମ୍ପ୍ରତିକ ପରିସ୍ଥିତିରେ ମୂଲିଆ ମଜୁରି, ରାସାୟନିକ ରଙ୍ଗର ଦାମ ବହୁତ ବଢିଯାଇଛି। ଫଳରେ ମୂର୍ତ୍ତି ଦର ବଢ଼ିଯାଇଥିବାରୁ ଲୋକେ ଏହାକୁ କିଣିବା ନିମନ୍ତେ ବିଶେଷ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏନେଇ ମୂର୍ତ୍ତି କାରିଗରଙ୍କ ଚିନ୍ତା ବଢ଼ିଯାଇଛି। ସରକାରଙ୍କ ତରଫରୁ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

> “ଦୀର୍ଘ ଦେଢ଼ବର୍ଷ ହେବ ହାଣ୍ଡି ମାଠିଆଠାରୁ ଆରମ୍ଭ କରି ମୂର୍ତ୍ତି ପର୍ଯ୍ୟନ୍ତ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଲକ୍‌ଡାଉନ ଖୋଲିବା ପରେ ରୋଜଗାର କରିବା ଉଦ୍ଦେଶ୍ୟରେ ମା’ଖୁଦୁରୁକୁଣୀଙ୍କ ମୂର୍ତ୍ତି ନିର୍ମାଣ କରିଥିଲୁ। କିନ୍ତୁ ବଜାରକୁ ଆଣିବା ପରେ ଏସବୁ ବିକ୍ରି ହେଉନାହିଁ।
> **ନବୀନ୍ଦ୍ର ବେହେରା,ମୂର୍ତ୍ତି କାରିଗର**

> “ବିଭିନ୍ନ ବର୍ଗର ଲୋକଙ୍କୁ ଲକ୍‌ଡାଉନ ସମୟରେ ସହାୟତା ମିଳିଲା। ମାତ୍ର କାରିଗରମାନେ ମୂର୍ତ୍ତି ତିଆରି କରିବା ସତ୍ତ୍ୱେ କିଛି ସହାୟତା ପାଇଲେ ନାହିଁ। ଏନେଇ ସରକାର ତୁରନ୍ତ ସହାୟତା ଯୋଗାଇ ଦିଅନ୍ତୁ।
> **ମନୋରଞ୍ଜନ ବେହେରା, ମୂର୍ତ୍ତି କାରିଗର**

> “ନିଶ୍ଚିନ୍ତକୋଇଲି ଅଞ୍ଚଳର କାରିଗରମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜ କଳାକୁ ନେଇ ବେଶ୍ ପରିଚିତ। ଲକ୍‌ଡାଉନ୍‌ରେ କାରିଗରମାନେ କ୍ଷତି ସହିଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ସହାୟତା ନ ମିଳିବା ଦୁଃଖର ବିଷୟ। ଏନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ।
> **ଭାସ୍କର ବେହେରା, କୁମ୍ଭକାର ସଂଘ ସଭାପତି**

# ୩ ଘଣ୍ଟାରୁ ଊର୍ଦ୍ଧ୍ୱ ବର୍ଷିଲା



**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ଆସନ୍ତା ୨୯ ତାରିଖରେ ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାପୂର୍ବରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ସାଢେ ୪ଟାରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ବର୍ଷା ଆରମ୍ଭ ହୋଇଥିଲା। ହାଲୁକା ପବନ ବର୍ଷାର ବେଗକୁ ବଢ଼ାଇ ଦେଇଥିଲା। ଘଣ୍ଟାରେ ଧରି ଝିପିଝିପି ବର୍ଷା ଲାଗି ରହିବା ପରେ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ପୁଣି ଘଡଘଡି ଓ ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ଦୀର୍ଘ ସମୟ ଧରି ବର୍ଷା ଲାଗି ରହିବାରୁ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି କଲୋନୀରେ ପାଣିର ସୁଅ ଚାଲିଥିଲା। ବର୍ଷା ପରିମାଣ ଅନୁସାରେ ଡ୍ରେନ୍‌ରେ ପାଣି ନିଷ୍କାସନ ହେଉ ନ ଥିବାରୁ ଗଳିକନ୍ଦି, ତଳିଆ ଅଞ୍ଚଳ ସମେତ ରସୁଲଗଡ, ବମିଖାଲ, ଡମଣା, ଲକ୍ଷ୍ମୀସାଗର, ସିଆର୍‌ପି, ଆଚାର୍ଯ୍ୟ ବିହାର, ନୂଆପଲ୍ଲୀ, ଜାଗମରା, ମେ’ ଫେୟାର ପାର୍ଶ୍ୱ, ଚିନ୍ତାମଣିଶ୍ୱର, ଜୟଦେବ ବିହାର, ପୁରୁଣା ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇ ପଡିଥିଲା। ଜାତୀୟ ରାଜପଥ ଓ ଓଭରବ୍ରିଜ୍ ଉପରେ କେତେକ ସ୍ଥାନରେ ନଦୀର ଭ୍ରମ ସୃଷ୍ଟି ହୋଇଥିଲା। ବମିଖାଲ, ଇସ୍କନ ମନ୍ଦିର ସମ୍ମୁଖରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷାରୁ ବର୍ତ୍ତିବା ପାଇଁ ଲୋକମାନେ ଦୋକାନ ବାରଣ୍ଡା, ଓଭରବ୍ରିଜ୍ ତଳ ଆଦି ସ୍ଥାନଗୁଡିକରେ ଆଶ୍ରୟ ନେଇଥିଲେ।

# ନିଲାମ ହେବ ୫୩ ଅଚଳ ଗାଡ଼ି

### ସିଏମ୍‌ସି କାଉନ୍‌ସିଲ ବୈଠକ

**କଟକ ଅଫିସ,୨୬।୮**



କଟକ ମହାନଗର ନିଗମ (ସିଏମ୍‌ସି) ସମ୍ମିଳନୀ କକ୍ଷରେ ଗୁରୁବାର କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଡାଟାଏଣ୍ଟ୍ରି ଅପରେଟର, ଡ୍ରାଇଭର, ପାର୍କ ୱାଚମ୍ୟାନ ଆଦି ପଦବୀ ପାଇଁ ଟେଣ୍ଡର ଡକାଯିବ। ଏଥିସହ ଡ୍ରେନ, ପାର୍କ, ରାସ୍ତା ଏବଂ ଲାଇଟ୍ ଲଗାଇବା ଲାଗି ୨୫କୋଟି ଟଙ୍କାର କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି। ସେହିଭଳି ସିଏମ୍‌ସିର ଅଞ୍ଚଳ ପଡିଥିବା ୫୩ଟି ବସ, ଟ୍ରାକ୍ଟର, ବାଇକ ଇ-ନିଲାମ କରାଯିବ। ଯାନ୍ତ୍ରିକ କାର୍ଯ୍ୟ, ପରିମଳ ବ୍ୟବସ୍ଥା, ବୃକ୍ଷରୋପଣ ସହ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଭଳି ମୋଟ ୪୫ଟି ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା। ଏହି ବୈଠକରେ ସିଏମ୍‌ସି କମିଶନ ଅନନ୍ୟା ଦାସ, ମନୋରଞ୍ଜନ ମହାପାତ୍ର, ସତ୍ୟବ୍ରତ ମହାପାତ୍ର, ଅଜୟ ମହାନ୍ତି, ସେକ୍ରେଟାରୀ ଲତାଶ୍ରୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ବକ୍ସିବଜାର ରୋଡ଼ସ୍ଥିତ ଏକ ହୋଟେଲରେ ଅହଲ୍ୟା ପଣ୍ଡାଙ୍କ ଲିଖିତ ପୁସ୍ତକ ‘ସ୍ମୃତି ଗୁଚ୍ଛ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବେଆଇନ ଜଳାଶୟ ଉପରେ ନିର୍ମାଣ କାର୍ଯ୍ୟ ବନ୍ଦ କର

### ଆର୍‌ଡିସିଙ୍କ ସମୀକ୍ଷା ବୈଠକ

**କଟକ ଅଫିସ,୨୬।୮**

କଟକ ସହରରେ ଥିବା ଜଳାଶୟଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ସହରର ବେଆଇନ ଜଳାଶୟଗୁଡିକ ଉପରେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ସାମଲ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଳାଶୟଗୁଡିକର ସଂରକ୍ଷଣ, ସ୍ୱେରେଜ ଜଳ ଓ ଆବର୍ଜନା ନିଷ୍କାସନ ଯେପରି ସହରରେ ସୁଚାରୁରୂପେ ହୋଇପାରିବ ସେ ଦିଗରେ ଅଧିକାରୀମାନେ ପଦକ୍ଷପ ନେବାକୁ କହିଥିଲେ। କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳର ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଳାଶୟଗୁଡିକର ସମୀକ୍ଷା କରିଥିଲେ। ସେଗୁଡିକର ସ୍ଥିତି ପରଖିବା ପାଇଁ ଉପଜିଲାପାଳଙ୍କୁ ସାମଲ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଉପଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଏମ୍‌ସି କମିଶନର ଅନନ୍ୟା ଦାସ, ସଦର ତହସିଲଦାର ସମ୍ବିତ କୁମାର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ସାଲେପୁର,୨୬।୮(ଡି.ଏନ୍.ଏ.)**

ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ସାଲେପୁର ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। କରୋନା ମହାମାରୀ ସମୟରେ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ସରକାର ବିଦ୍ୟୁତ୍ ସେବାକୁ ଘରୋଇ କମ୍ପାନୀ ହାତକୁ ଟେକି ଦେଇଛନ୍ତି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ଦେୟ ଅନ୍‌ଲାଇନରେ ଆଦାୟ ବନ୍ଦ କରିବା, ପ୍ରି ପେଡ୍ ବିଦ୍ୟୁତ୍ ଶୁଳ୍କ ଆଦାୟ, ଅଘୋଷିତ ବିଜୁଳି କାଟ, ଲୋ ଭୋଲଟେଜ୍ ଓ ନିମ୍ନମାନର ବିଜୁଳି ଯୋଗାଣ ବନ୍ଦ କରିବା ପାଇଁ ଦାବି କରାଯାଇଛି। ମିଟର ରିଡିଂ ଓ ବିଲର ତ୍ରୁଟି ବିଚ୍ୟୁତି ଦୂର କରିବା, ଉପଭୋକ୍ତାମାନଙ୍କୁ ରିହାତି ସମୟ ୭ ଦିନ ପରିବର୍ତ୍ତେ ୧ ମାସ କରିବା ଆଦି ଦାବି କରାଯାଇଛି। ରାଜକିଶୋର ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଉଦୟ କେଶରୀ ବର୍ମା, ପିତାମ୍ବର ଲେଙ୍କା, କେଶବ ଷଡ଼ଙ୍ଗୀ, ରଞ୍ଜନ କୁମାର ଓଝା, ସେକ ଅମଜାଦ ଅଲ୍ଲୀ, ହରିହର ମହାନ୍ତି, ଆଶିଷ ମହାନ୍ତି, ହୃଷୀକେଶ ପଣ୍ଡା, ହରିହର ରାଉତ, କୁନିଆ ଦାସ, ସେକ ମୁଜାଫର୍ ଅଲ୍ଲୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ଡିଓଙ୍କୁ ଦିଆଯାଇଥିଲା।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦୀକ୍ଷାରମ୍ଭ ଉତ୍ସବ

**ବାରଙ୍ଗ,୨୬।୮(ଡି.ଏନ୍.ଏ.)**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୨୧ -୨୨ ଶିକ୍ଷାବର୍ଷର ଅନଲାଇନ ଦଶମ ଦୀକ୍ଷାରମ୍ଭ ଉତ୍ସବ ପାଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ଲାମ୍ବାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କର ଦକ୍ଷତା ଓ ପ୍ରାଧିକରଣ ବିଭାଗର ଅଧ୍ୟକ୍ଷ ତଥା ମାଇଣ୍ଡ ଟ୍ରି ଅନୁଷ୍ଠାନର ସହ-ପ୍ରତିଷ୍ଠାତା ସୁବ୍ରତୋ ବାଗ୍‌ଚୀ ଏହି ଦୀକ୍ଷାରମ୍ଭ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତୀବ ପ୍ରୋତ୍ସାହନ ମୂଳକ ଅଭିଭାଷଣ ପ୍ରଦାନ କରିଥିଲେ। ସେ ଛାତ୍ରୀଛାତ୍ର ମାନଙ୍କୁ ଜୀବନର ଦୁଇଟି ମୂଳମନ୍ତ୍ର କହିଥିଲେ ଯଥା ଜୀବନରେ ଏକ ଶ୍ରେଷ୍ଠ ବ୍ୟକ୍ତି ଚୟନ କରିବା ଯାହା ଜୀବନର ଲକ୍ଷ୍ୟକୁ ହାସଲ କରିବାରେ ସାହାଯ୍ୟ କରିବ ଏବଂ ଠିକ୍ ସମୟରେ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଯାହା କିଛି ନୂଆ ଓ ଜୀବନରେ କିଛି ଉନ୍ନତି କରିବାରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ସେହିପରି କୁଳପତି ଡ. ଅଜୟ କୁମାର ସିଂ ଯୋଗଦେଇ ନୂତନ ଶିକ୍ଷା ନୀତିର ସମସ୍ତ ଦିଗ୍ ନିର୍ଦ୍ଦେଶକୁ ଅନୁସରଣ କରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କ ପାଇଁ ଏକ ମାପଦଣ୍ଡ ସ୍ଥାପନ କରିବ ବୋଲି ଉଲ୍ଲେଖ କରିଥିଲେ। ଏହାପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରାଜିତା କୁଲକରଣୀ ଯୋଗଦେଇ ଛାତ୍ର ଜୀବନ ଏକ ସୁବର୍ଣ୍ଣ ସମୟ। ଏହି ସମୟରେ ନିଜକୁ ଉନ୍ନତ ଓ ନବୀକରଣ କରିବା ପାଇଁ ସେ ଉପଦେଶ ଦେଇଥିଲେ। ଜଷ୍ଟିସ ଆର.ସି.ଲୋହାଟି, ଦେବ ଭରୟାନି, ଭିସ୍ତ୍ରା ଗ୍ରୁପ ଏବଂ ସହାୟକ କମ୍ପାନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଓ ସିଏମଡିଇ ଏଚ.ଜି.ହର୍ଷ, ଏସ୍‌ଏସ୍‌ଆର୍‌ଭିଏମ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ କୁଳସଚିବ ପ୍ରଫେସର ବି.ଆର.ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୬୦୦ରୁ ଊର୍ଦ୍ଧ୍ୱ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୮୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଫେସବୁକ ଲାଇଭ ମାଧ୍ୟମରେ ଯୋଗ ଦେଇଥିଲେ।

# ୱେଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ପାଳନ ବୈଠକ

**କଟକ ଅଫିସ,୨୬।୮**

ଆସନ୍ତା ନଭେମ୍ବର ୧୬ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ୱେଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ପାଳନ ହେବ। ଏଥିପାଇଁ ଗୁରୁବାର ହଷ୍ଟେଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡେନ ଡ. ଶରତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଥିଲା।

# ମହିଳା ଆରୋଗ୍ୟ ସମିତିକୁ ସ୍ୱାସ୍ଥ୍ୟ କିଟ୍ ବଣ୍ଟନ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

କୋଭିଡ୍ ସଂକ୍ରମଣର ୩ୟ ଲହରକୁ ନଜରରେ ରଖି ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ବହୁରାଷ୍ଟ୍ରୀୟ କମ୍ପାନୀ ଏଟିସି ପକ୍ଷରୁ ମହିଳା ଆରୋଗ୍ୟ ସମିତି (ମାସ୍) ଗ୍ରୁପ ଓ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ କିଟ୍ ବଣ୍ଟନ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ୟୁନିଟ-୮ ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମାସ୍‌ଗ୍ରୁପ ଓ ୬୦ରୁ ଅଧିକ ଆଶାକର୍ମୀଙ୍କୁ ବିଧାୟକ ମେଡିକାଲ କିଟ୍ ବଣ୍ଟନ କରିଥିଲେ। ଉକ୍ତ କିଟ୍‌ରେ ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ଓ କୋଭିଡ୍ ପାଇଁ ଆବଶ୍ୟକ ଅକ୍ସିମିଟର ଓ ଡିଜିଟାଲ ଥର୍ମୋମିଟର ଭଳି ଜରୁରୀ ସାମଗ୍ରୀ ରହିଛି। ଏହି କିଟ୍ ଜରିଆରେ ବିଭିନ୍ନ ୱାର୍ଡର ମାସ୍‌ଗ୍ରୁପ ଓ ଆଶାକର୍ମୀମାନେ ଘର ଘର ବୁଲି ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅବଗତ ହେବା ସହିତ ଆବଶ୍ୟକ ସୂଚନା ସଂଗ୍ରହ କରିପାରିବେ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଦ୍ରିନାରାୟଣ ମିଶ୍ର, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ପୁଷ୍ପାଞ୍ଜଳୀ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଅକ୍ଷୟପାତ୍ର ପାଉଣ୍ଡେଶନ ଓ ଏଟିସିରକର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାଣିବୋତଲ ଆଣି ନ ଥିବାରୁ ଆଣ୍ଠେଇଦେଲେ

### ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ଦେଇ ଅଡୁଆରେ ଶିକ୍ଷୟିତ୍ରୀ

**ନିଶ୍ଚିନ୍ତକୋଇଲି/ମାହାଙ୍ଗା,୨୬।୮(ସ୍ୱ.ପ୍ର.)**

ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ମାତ୍ର କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ନିୟମକୁ ଖୋଲା ଉଲ୍ଲଂଘନ କରୁଛନ୍ତି। କଟକ ଜିଲା ମାହାଙ୍ଗା ଶିକ୍ଷାମଣ୍ଡଳ ଅଧୀନ ଗୋକନ ସରକାରୀ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ଜଣେ ନବମଶ୍ରେଣୀ ଛାତ୍ରୀଙ୍କ ସମେତ ଅନ୍ୟ ପିଲାଙ୍କୁ ଦଣ୍ଡ ଦିଆଯାଇଥିବା ଶିକ୍ଷା ଅଧିକାରୀଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀ ବୁଧବାର ବିଦ୍ୟାଳୟକୁ ଯାଇଥିଲେ। ମାତ୍ର ସାଙ୍ଗରେ ପାଣି ବୋତଲ ଆଣିବାକୁ ଭୁଲି ଯାଇଥିଲେ। ଏଥିରେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ରାଗିଯାଇ ତାଙ୍କୁ ସ୍କୁଲ ପଢ଼ିଆ ଆଗରେ ଅନ୍ୟ ପିଲାଙ୍କ ସହ ଆଣ୍ଠେଇ ଦେଇଥିଲେ। ଅଧଘଣ୍ଟାରୁ ଅଧିକ ସମୟ ଆଣ୍ଠେଇବାରୁ ଛାତ୍ରୀ ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ସେ ଘରକୁ ଫେରିବା ପରେ ଏବିଷୟରେ ଜଣାଇଥିଲେ। ପରିବାର ଲୋକେ ସମ୍ପୃକ୍ତା ଛାତ୍ରୀଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏ ବିଷୟରେ ତାଙ୍କ ମା’ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଜଣେ ନବମ ଛାତ୍ରୀଙ୍କ ଅଭିଭାବକ ମଧ୍ୟ ପାଣି ଆଣି ନ ଥିବାରୁ ପିଲାଙ୍କୁ ଦଣ୍ଡ ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତା ଶିକ୍ଷୟିତ୍ରୀ କହିଛନ୍ତି, କରୋନା ମହାମାରୀ ସମୟରେ ପିଲାମାନେ ଅନ୍ୟଙ୍କ ବୋତଲରୁ ପାଣି ପିଇବା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ଏଥିପାଇଁ ଛାତ୍ରୀଛାତ୍ରମାନଙ୍କୁ ସାଙ୍ଗରେ ପାଣି ବୋତଲ ଆଣିବାକୁ ବାରମ୍ବାର ତାଗିଦା କରାଯାଇଛି। ଏହାସତ୍ତ୍ୱେ କେତେଜଣ ଛାତ୍ରୀଛାତ୍ର ଏହାକୁ ମାନୁ ନ ଥିବାରୁ ସେମାନଙ୍କୁ ସଚେତନ କରିବା ପାଇଁ ଅଳ୍ପ ସମୟ ପାଇଁ ଆଣ୍ଠେଇ ଦିଆଯାଇଥିଲା। ଏବିଷୟରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରା କହିଛନ୍ତି, ଅଭିଯୋଗ ମିଳିଛି। ଅନ୍ୟ ଅଫିସ କାର୍ଯ୍ୟରେ ବାହାରେ ଥିବାରୁ ଫେରିବା ପରେ ଏନେଇ ତଦନ୍ତ କରାଯିବ।

# ମଦ ଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ

**କଟକ ଅଫିସ, ୨୬।୮**




ମଦ ଦୋକାନ ଉଚ୍ଛେଦ ଦାବିରେ କଟକ ନଗର(ଜିଲା) ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କଟକ ସହରର ସମ୍ବେଦନଶୀଳ ଜନବସତି ଅଞ୍ଚଳରୁ ନୂତନ ଭାବେ ଖୋଲାଯାଇଥିବା ବିଦେଶୀ ମଦ ଦୋକାନଗୁଡ଼ିକୁ ଉଚ୍ଛେଦ ଦାବି କରି କଟକ ନଗର (ଜିଲା) ଯୁବ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଦଳ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା।

ଏହି ସ୍ମାରକପତ୍ରରେ ଦର୍ଶାଯାଇଛି, ସହରର ପୁରୀଘାଟ, ବକ୍ସିବଜାର, ମଙ୍ଗଳାବାଗ, ନୂଆପାଟଣା, କାଜିବଜାର, ସତୀଚଉରା, ରାଜାବଗିଚା ଓ ନୂଆପଡ଼ା ଆଦି ସମ୍ବେଦନଶୀଳ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମଦ ଦୋକାନ ଖୋଲାଯିବା ପାଇଁ ସ୍ଥାନ ନିରୂପଣ କ୍ଷେତ୍ରରେ ନୀତି ନିୟମକୁ ପାଳନ କରାଯାଇନାହିଁ। ସାହିବସ୍ତିରେ ବିଦେଶୀ ମଦ ଦୋକାନ ଯୋଗୁ ଯୁବକମାନେ ପଥଭ୍ରଷ୍ଟ ହେବେ। ଅସାମାଜିକଙ୍କ ପ୍ରାଦୁର୍ଭାବ ସହ ଆଞ୍ଚଳିକ ଓ ପାରିବାରିକ ହିଂସା ବୃଦ୍ଧି ପାଇବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଉକ୍ତ ମଦ ଦୋକାନଗୁଡ଼ିକୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉ। ନଚେତ୍ ବିଭିନ୍ନ ସାହିବସ୍ତିରେ ମଦ ବିରୋଧୀ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କଟକ ନଗର ଯୁବ କଂଗ୍ରେସ ସଭାପତି ବିକି ଚକ୍ରବର୍ତ୍ତୀ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ପାତ୍ର, ସ୍ମୃତିରଞ୍ଜନ ରାଉତ ଓ ଜନାର୍ଦ୍ଦନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଅଗଷ୍ଟ, ୨୦୨୧



## ସଂକ୍ଷେପରେ

### ଗ୍ରାମାଞ୍ଚଳରେ ୨୬ ପଜିଟିଭ୍, ୨୧ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୬।୮:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୨୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ୩, ବାଲିପାଟଣା ୧୦, ଜଟଣୀ ୪, ଖୋର୍ଦ୍ଧା ୩, ଟାଙ୍ଗୀ ୨, ବାଣପୁରର ୪ଜଣ ରହିଛନ୍ତି। ଅନ୍ୟପଟେ ଜିଲାରେ ମୋଟ୍ ୫,୮୦,୨୭୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨,୯୨,୨୪୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୨୮,୭୫୦ଜଣ ସୁସ୍ଥ ହୋଇଛନ୍ତି। ୩୬୦ଜଣଙ୍କ ମୃତ୍ୟୁ ଘଟିଛି। ୧୩୫ ସକ୍ରିୟ ସଂକ୍ରମିତ ରହିଛନ୍ତି। ଗୁରୁବାର ସୁଦ୍ଧା ବିଭିନ୍ନ ବର୍ଗର ୪,୬୨,୦୪୬ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି।

### ଦକ୍ଷତା ବିକାଶ ପ୍ରତିଯୋଗିତା

**ଜଟଣୀ,୨୬।୮(ଡି.ଏନ୍.ଏ.):** ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦକ୍ଷତା ବିକାଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଦକ୍ଷତାକୁ ପରିପୁଷ୍ଟ କରିବା ନିମନ୍ତେ ଏହି ପ୍ରତିଯୋଗିତା ହୋଇଥିଲା। କ୍ୟାବିନେଟ୍ ନିର୍ମାଣ, ୩ଡି ଗେମ୍ ଆର୍ଟ, ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ଏବଂ ସ୍ୱୟଂଚାଳିତ ଯାନ ପ୍ରଯୁକ୍ତି ବିଦ୍ୟାଭଳି ୬ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ମୋଟ ୫୬ଜଣ ବିଦ୍ୟାର୍ଥୀ ଭାଗନେଇଥିବା ବେଳେ ୮ଜଣ ବାଳିକା ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କାଠ କାମ, ଅଟୋମୋବାଇଲ, ସାଇବର ସିକ୍ୟୁରିଟି, ୱେଲଡିଂ, ୩ଡି ଗେମ୍ ଆର୍ଟ ସହିତ ୩ଡି ପ୍ରିଣ୍ଟିଂ, ୪ଡି ପ୍ରିଣ୍ଟିଂ ଭଳି ନୂତନ ପ୍ରଯୁକ୍ତିବିଦ୍ୟାରେ ନିଜର ଦକ୍ଷତା ପ୍ରତିପାଦନ କରିବା ନିମନ୍ତେ ପ୍ରୟାସ ଜାରି ରହିଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ଉପଭୋକ୍ତା, ଆର୍ଥିକ ସଂସ୍ଥା ମତ ବିନିମୟ କର୍ମଶାଳା

**କୋଣାର୍କ,୨୬।୮(ଡି.ଏନ୍.ଏ.)-** କୋଣାର୍କସ୍ଥିତ ଯାତ୍ରୀନିବାସ ବାଙ୍କୁଏଟ ହଲ୍ ସମ୍ମିଳନୀ କକ୍ଷରେ ଦିଲ୍ଲୀର ସାଧନ ଅନୁଷ୍ଠାନ ପକ୍ଷରୁ ସମାଜର ଆର୍ଥିକ ଅସ୍ୱଚ୍ଛଳ ଗୋଷ୍ଠୀ ନିମନ୍ତେ ଗୃହ ନିର୍ମାଣ ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପୂର୍ବତନ ସୂଚନା କମିଶନର ତଥା ସାମାଜିକ ଅନୁଷ୍ଠାନ ସିୱାଇଏସ୍‌ଡି ପ୍ରତିଷ୍ଠାତା ଶ୍ରୀ ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଅନଗ୍ରସର ଓ ପଛୁଆବର୍ଗଙ୍କ ନିମନ୍ତେ ପକ୍କା ଘରଟିଏ କିପରି ସହଜରେ ତିଆରି ହୋଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ସାଧନା ସାମାଜିକ ଅନୁଷ୍ଠାନ ଦ୍ୱାରା ପୁରୀ ଓ କୋଣାର୍କରେ ଅବସ୍ଥିତ ଗୃହ ନିର୍ମାଣ କେନ୍ଦ୍ର ଭଳି କିପରି ରାଜ୍ୟର ସମସ୍ତ ଜିଲାରେ ପ୍ରତିଷ୍ଠିତ ହୋଇପାରିବ ସେ ସମ୍ପର୍କରେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବା ନେଇ ମୁଖ୍ୟଅତିଥି କହିଥିଲେ। ଅନ୍ୟ ଅତିଥି କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଯୋଗଦେଇ ସରକାରୀସ୍ତରରେ ଥିବା ଗୃହ ନିର୍ମାଣ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏଥିରେ ପୁରୀ ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ ସାହୁ, ଓରମାସ ପୁରୀର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ଦରବାର ସାହିତ୍ୟ ସଂସଦ, ଅନ୍ନପୂର୍ଣ୍ଣା, ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପ୍ରମୁଖ ସଂସ୍ଥାର ରାଜ୍ୟ ପ୍ରତିନିଧିଗଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ସହଯୋଗ କେନ୍ଦ୍ରର ପରିଚାଳିକା ସଂଗୀତା ନାୟକ ଯୋଗଦେଇ ଉପଭୋକ୍ତାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ରିତୁପୂର୍ଣ୍ଣା ଘୋଷ, ଆଶୁତୋଷ ଦାସ, ମହତାବ ଆଲମ, ଲୋପାମୁଦ୍ରା ଜେନା, ସୁରେଶ ସ୍ୱାଇଁ, ଦେବାଶିଷ ସ୍ୱାଇଁ ଓ ଜ୍ୟୋତ୍ସ୍ନା ରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

**ବାଲୁଗାଁ,୨୬।୮(ଡି.ଏନ.ଏ):** ବରିଷ୍ଠ ଖବରଦାତା ତଥା ଚିଲିକା ପ୍ରେସ୍ କ୍ଲବର ଉପଦେଷ୍ଟା ଆର୍ତ୍ତତ୍ରାଣ ଜାଲିଙ୍କ ବାପା ହାଡ଼ିବନ୍ଧୁ ଜାଲି(୮୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ହାଡ଼ିବନ୍ଧୁ ଜଣେ ଧର୍ମପରାୟଣ, ପରୋପକାରୀ ଓ ସ୍ନେହିବ୍ୟକ୍ତି ଥିଲେ। ବାଲୁଗାଁ-ବାଣପୁର ଅଞ୍ଚଳର ପ୍ରଥମ ଖବରକାଗଜ ବିତରକ ଭାବେ ସେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଛେଡ଼ାପଦରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଶରତ ମୁଖାଗ୍ନି ଦେଇଥିଲେ।

# ଶିଶୁଙ୍କୁ ଉଦ୍ଧାର ବେଳେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୨୬।୮**

## ଖୋର୍ଦ୍ଧାରେ ବଢୁଛି ଶିଶୁ ଶ୍ରମିକ, ଭିକ୍ଷାବୃତ୍ତି

- ଶୋଭାଯାତ୍ରା, ବିକ୍ଷୋଭରେ ସାମିଲ ହେଉଛନ୍ତି
- ସୁରକ୍ଷା, ଥଇଥାନ କାଗଜକଲମରେ ସୀମିତ



ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଶିଶୁମାନେ ଭିକ୍ଷାବୃତ୍ତି କରିବା ସହ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। ବାହାର ରାଜ୍ୟ କିମ୍ବା ଜିଲାରୁ ଆସି ରାସ୍ତାକଡରେ ଆଶ୍ରୟ ନେଉଥିବା ପରିବାର ପିଲାଙ୍କୁ ଧରି ସହରରେ ଭିକ୍ଷାବୃତ୍ତି କରୁଛନ୍ତି। ସହରର ପୁରୁଣା ବସଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ, ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶିଶୁମାନେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଛି। ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିସହ ଶିଶୁମାନେ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। ଗୁରୁବାର କେତେଜଣ ଶିଶୁ ରାସ୍ତାରେ ଭିକ୍ଷା ମାଗୁଥିବା ବେଳେ ଖୋର୍ଦ୍ଧା ସିଟି ଚାଇଲ୍ଡଲାଇନ ଟିମ୍ ସେମାନଙ୍କୁ ଉଦ୍ଧାର ପାଇଁ ପହଞ୍ଚିଥିଲେ। ଏହି ଟିମ୍ ଶିଶୁଙ୍କୁ ପରିଚୟ ପଚାରିବା ସହ ଉଦ୍ଧାର କରୁଥିବା ବେଳେ ସେମାନଙ୍କ ମା' ପହଞ୍ଚି ଟିମ୍‌ଠାରୁ ପିଲାଙ୍କୁ ଛଡ଼ାଇ ନେଇଥିଲେ। ଏମାନେ ଆମର ପିଲା, ତମେ କିଏ ଏମାନଙ୍କୁ ନେଇଯାଉଛ ବୋଲି ପାଟି କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଟାଉନ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲେ। ଉଭୟଙ୍କୁ କାଉନସିଲିଂ ପରେ ଛାଡି ଦେଇଥିବା ଜଣାପଡିଛି।

ଖୋର୍ଦ୍ଧା ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର କହିଛନ୍ତି, ଜିଲାରେ ଶିଶୁଙ୍କ ସୁରକ୍ଷା, ଥଇଥାନ ଘଟଣା ପ୍ରହସନରେ ପରିଣତ ହୋଇଛି। ସହରରେ ପ୍ରତିଦିନ ଶିଶୁ ଭିକ୍ଷାବୃତ୍ତି କରୁଛନ୍ତି। ଶିଶୁ ଅଧିକାର ଆଇନ ଉଲ୍ଲଂଘନ ହେଉଥିଲେ ମଧ୍ୟ ଜିଲା ଶିଶୁ ସୁରକ୍ଷା ୟୁନିଟ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ। ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନରେ ଶିଶୁମାନେ ସାମିଲ ହେଉଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ଯୁବନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି, ଶିଶୁଙ୍କ ସୁରକ୍ଷା କେବଳ ସରକାରୀ କାଗଜକଲମରେ ସୀମିତ। ଶିଳ୍ପାଞ୍ଚଳ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ି ଚାଲିଛି। କିନ୍ତୁ କୌଣସି ଶିଳ୍ପ ସଂସ୍ଥା ଉପରେ ଚଢ଼ାଉ କରାଯାଉନାହିଁ। ପ୍ରଶାସନର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବରିଷ୍ଠ ସାମାଜିକ କର୍ମୀ ପ୍ରଭାତ ମିଶ୍ର କହିଛନ୍ତି, ଜିଲାରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର ଆଇନ, ଶିକ୍ଷା ଅଧିକାର, ଉପଯୁକ୍ତ ଥଇଥାନ ଉପରେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଅନ୍ୟପକ୍ଷେ କୋଭିଡ୍ ସମୟରେ ବସ୍ତି ଅଞ୍ଚଳ ଓ ରାସ୍ତା କଡ଼ରେ ରହୁଥିବା ପରିବାରଙ୍କ ଶିଶୁଙ୍କ ଉପଯୁକ୍ତ ଚିକିତ୍ସା ଓ ଅନ୍ୟାନ୍ୟ ସୁବିଧା ଉପରେ ସେଭଳି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଶିଶୁଙ୍କ ସୁରକ୍ଷା ଓ ଥଇଥାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ସେମାନଙ୍କ ଶିକ୍ଷା ପାଇଁ କାର୍ଯ୍ୟ ଜାରି ରହିଛି।



ଭାରତରତ୍ନ ମଦର ଟେରେସାଙ୍କ ଜନ୍ମଦିନ ଅବସରରେ ଗୁରୁବାର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସ ଡିଜିଟାଲ ଚିତ୍ର ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି।

## ସ୍ୱତନ୍ତ୍ର ୱାରେଣ୍ଟ ଡ୍ରାଇଭ, ୫୪୭ ଗିରଫ

**ଖୋର୍ଦ୍ଧା ଅଫିସ,୨୬।୮**

ଖୋର୍ଦ୍ଧା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ୱାରେଣ୍ଟ ଡ୍ରାଇଭ ଅଗଷ୍ଟ ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୦ଦିନ ଚାଲିଥିଲା। ୧୬୫୨ଟି ମାମଲାରେ କୋର୍ଟ ପକ୍ଷରୁ ଗିରଫ ପରୱାନା ଜାରି ହୋଇଥିଲା। ମୋଟ୍ ୮୪୯ଟି ମାମଲା ତଦନ୍ତ କରାଯାଇ ୫୪୭ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେଥିରୁ ହତ୍ୟା, ବଳାତ୍କାର, ଡକାୟତି, ରାହାଜାନି ଭଳି ଅପରାଧରେ ୫୭ଜଣ ରହିଛନ୍ତି। ୩୦୨ଟି ମାମଲା ବିଭିନ୍ନ କାରଣରୁ କୋର୍ଟକୁ ଫେରସ୍ତ କରାଯାଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ରାଜକିଶୋର ଦୋରା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନା ମୁତାବକ, ଟାଉନ ଥାନା ପକ୍ଷରୁ ୧୧୦ଟି ୱାରେଣ୍ଟ ମଧ୍ୟରୁ ୮୯, ସଦର ଥାନାରେ ୮୩ରୁ ୬୯, ବାଘମାରୀରେ ଜଣେ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ବେଗୁନିଆ ଥାନାରେ ୮୩ ରୁ ୫୩, ବୋଲଗଡ଼ ଥାନାରେ ୬୩ରୁ ୩୬, ଜଙ୍କିଆ ଥାନାରେ ୫୭ରୁ ୪୭, ନିରାକାରପୁର ଥାନାରେ ୭୭ରୁ ୪୫, ଟାଙ୍ଗୀ ଥାନାରେ ସର୍ବାଧିକ ୧୭୦ରୁ ୯୨, ବାଲୁଗାଁ ଥାନାରେ ୫୧ରୁ ୩୦, ବାଣପୁର ଥାନାରେ ୧୫୪ରୁ ୮୫ଜଣଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲାକୁ ଅପରାଧ ମୁକ୍ତ କରାଯିବ। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଏସ୍‌ପି ଦୋରା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଲେ



ନଗର କଂଗ୍ରେସ କର୍ମୀମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇବା ସହ ଧାରଣାରେ ବସିଛନ୍ତି।

**ଜଟଣୀ,୨୬।୮(ଡି.ଏନ୍.ଏ.)**

ଜଟଣୀ ସହରରେ ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଏନେଇ ଜଟଣୀ ନଗର କଂଗ୍ରେସ ପକ୍ଷରୁ ଜଟଣୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ଗେଟ୍ ତାଲା ପକାଇଦେଇଥିଲେ। ଅଘୋଷିତ ବିଦ୍ୟୁତ୍ କାଟ୍, ବିଲ୍ ପ୍ରଦାନରେ ଅନିୟମିତତା, ଉପଭୋକ୍ତାଙ୍କ ଘରେ ବେଆଇନ ଭାବେ ପଶି ଫାଇନ କାଟିବା ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିବା, ଗ୍ରାହକଙ୍କ ଅଭିଯୋଗ ନିମନ୍ତେ କୌଣସି ଯୋଗାଯୋଗ ବ୍ୟବସ୍ଥା ନ ରଖିବା ଆଦି ଦାବିରେ ଧାରଣା ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଆଗାମୀ ୫ଦିନ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ ସାହୁ, ସୁଲୁ ରଥ, ଗତେଶ୍ୱର ବେହେରା, ମାଧବ ପାଟ୍ଟଶାଣୀ, ସଙ୍କେତ ପାଟଶାଣୀ, ସୂର୍ଯ୍ୟକାନ୍ତ ବଳିୟାରସିଂ, ରାକେଶ ଦାସ, ଦିଲ୍ଲୀପ ପ୍ରଧାନ, ଏସ୍.କେ ଇକବାଲ, ଜୟସୁରଜ ପଟ୍ଟନାୟକ, ହରିବନ୍ଧୁ ସୁବୁଦ୍ଧି, ସତ୍ୟବ୍ରତ ନାୟକ, ସଞ୍ଜିତ୍ ପାଟଶାଣୀ, ଅଲି ଖାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପୁରୀ ବେଳାଭୂମିରେ ଆରମ୍ଭ ହେବ କ୍ରିୟାଯୋଗ ଶିବିର

**ପୁରୀ ଅଫିସ,୨୬।୮**

ପୁରୀ ବେଳାଭୂମିରେ ଆରମ୍ଭ ହେବ ୩ଦିନିଆ କ୍ରିୟାଯୋଗ ଶିବିର। ଏ ନେଇ ଗୁରୁବାର ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ନିର୍ମାଣ କ୍ରିୟା ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ୨୮, ୨୯ ଏବଂ ୩୦ ତାରିଖରେ ଅନୁଷ୍ଠିତ ହେବ। ଶିବିରରେ ଯୋଗଦେଇ ବିଭିନ୍ନ କ୍ରିୟା ବିଷୟରେ ଜାଣିବା ପାଇଁ ନାମ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଶିବିରରେ ବିଭିନ୍ନ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁରୀ ବେଳାଭୂମିରେ ମୁକ୍ତ ଆକାଶ ତଳେ ଏହି ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ, ସୂର୍ଯ୍ୟ ନମସ୍କାର ଆଦି କ୍ରିୟା ଯୋଗ କୋଣାର୍କରେ କରାଯିବା ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

## ମହିଳା ଆରୋଗ୍ୟ ସମିତିକୁ ମେଡିକାଲ କିଟ୍ ବଣ୍ଟନ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

କୋଭିଡ୍ ସଂକ୍ରମଣର ୩ୟ ଲହରକୁ ନଜରରେ ରଖି ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ବହୁରାଷ୍ଟ୍ରୀୟ କମ୍ପାନୀ ଏଟିସି ପକ୍ଷରୁ ମହିଳା ଆରୋଗ୍ୟ ସମିତି(ମାସ୍) ଗ୍ରୁପ ଓ ଆଶାକର୍ମୀଙ୍କୁ ମେଡିକାଲ କିଟ୍ ବଣ୍ଟନ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ୟୁନିଟ-୮ ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମାସ୍‌ଗ୍ରୁପ ଓ ୬୦ରୁ ଅଧିକ ଆଶାକର୍ମୀଙ୍କୁ ବିଧାୟକ ମେଡିକାଲ କିଟ୍ ବଣ୍ଟନ କରିଥିଲେ। ଉକ୍ତ କିଟ୍‌ରେ ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ଓ କୋଭିଡ୍ ପାଇଁ ଆବଶ୍ୟକ ଅକ୍ସିମିଟର ଓ ଡିଜିଟାଲ ଥର୍ମୋମିଟର ଭଳି ଜରୁରୀ ସାମଗ୍ରୀ ରହିଛି।

## ସମସ୍ୟା ଶୁଣିଲେ, ପ୍ରତିଶ୍ରୁତି ଦେଲେ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବୋଲଗଡ଼,୨୬।୮(ଡି.ଏନ୍.ଏ.)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗୁରୁବାର ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ବ୍ଲକର ମରଦାବାଡ଼ି, ପଙ୍କାଳସାହି, ମାଣିବନ୍ଧ ଏବଂ ରାଣୋଳ ଗ୍ରାମରେ ପଦଯାତ୍ରା ସମୟରେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ଦଳୀୟଭିତ୍ତିରେ ହେଉଥିବା ଅଭିଯୋଗ ଶୁଣିବା ପରେ ଏମ୍‌ପି ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିବା ସହ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଲୋତକ ବିନ୍ଦୁ ପଟ୍ଟନାୟକ, ପ୍ରକାଶ ବିଜୁଳି, ବ୍ଲକ ଭାଜପା ପ୍ରଭାରୀ ସୁବାସ ମିଶ୍ର, କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ଭାଜପା ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଚଇ ପଟ୍ଟନାୟକ, ଦୌଲତ ଅଲ୍ଲୀ, ଜଗବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଆଇଙ୍କ ନିକଟରେ ଫେରାଦ ହେଲେ ଫନୀ କ୍ଷତିଗ୍ରସ୍ତ

**ନିରାକାରପୁର,୨୬।୮(ଡି.ଏନ୍.ଏ.)**

ଫନୀ ବାତ୍ୟାକୁ ଦୁଇବର୍ଷ ପୂରିଯାଇଥିଲେ ମଧ୍ୟ ନିରାକାରପୁର ଅଞ୍ଚଳର କେତେଜଣ କ୍ଷତିଗ୍ରସ୍ତଙ୍କୁ ଏପର୍ଯ୍ୟନ୍ତ ସହାୟତା ମିଳିପାରି ନାହିଁ। ଏନେଇ ଗୁରୁବାର କେତେଜଣ ହିତାଧିକାରୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ଭେଟିବା ସହ ସହାୟତା ପାଇଁ ନିବେଦନ କରିଥିଲେ। ସେମାନଙ୍କର ନାମ ଲିଷ୍ଟରେ ଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ସହାୟତା ମିଳି ନ ଥିବା ଅଭିଯୋଗ କରିଛନ୍ତି। କିଛି ମୁଷ୍ଟିମେୟ ଲୋକ ସରକାରୀ କର୍ମଚାରୀଙ୍କୁ ହାତକରି ଏହି ସହାୟତା ହାତେଇଥିବା ସାଧାରଣରେ ଅଭିଯୋଗ ହେଉଛି। ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଯେଉଁମାନଙ୍କ ନାମ ଲିଷ୍ଟରେ ରହିଛି କିନ୍ତୁ ସହାୟତା ପାଇନାହାନ୍ତି ସେମାନେ ଆସନ୍ତା ୧୦ତାରିଖ ମଧ୍ୟରେ ଆବେଦନ କରିପାରିବେ। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଦିବ୍ୟରଞ୍ଜନ ଜାଲି, ଯେଉଁମାନଙ୍କ ଲିଷ୍ଟରେ ନାଁ ରହିଛି ସେମାନଙ୍କ ମଧ୍ୟରୁ କେତେଜଣ ସହାୟତା ରାଶି ପାଇନାହାନ୍ତି, ସେମାନେ ପୁଣି ଆବେଦନ କରୁଛନ୍ତି। ଲିଷ୍ଟରେ ନାଁ ନ ଥିବା ଲୋକଙ୍କୁ ସହାୟତା ମିଳିପାରିବ ନାହିଁ ବୋଲି ସେ କହିଛନ୍ତି।

## ମିଶନ ଶକ୍ତି କାର୍ଯ୍ୟାଳୟ ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ଅନ୍ୟ ଅତିଥି।

**ବାଲୁଗାଁ,୨୬।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ପରିସରରେ ମିଶନ ଶକ୍ତି କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିଡିଓ ସୁଷମା ବାରିକ, ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ, ସିଡିପିଓ ଅନସୂୟା ମିଶ୍ର, ବିଶ୍ୱଭାରତୀ ଚିଲିକା ବ୍ଲକ ମିଶନ ଶକ୍ତି ମହାସଂଘର ସଭାପତି ସନ୍ତୋଷୀ ବିଶ୍ୱାଳ, ସମ୍ପାଦକ ସୁଜାତା ପଣ୍ଡା, ଓଏଲ୍‌ଏମ୍ ସସ୍ମିତା ନନ୍ଦ, ବିପ୍ଳବ ମଲ୍ଲିକ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମୀମାନେ ଉପସ୍ଥିତ ଥିଲେ। ମହିଳାମାନେ ମାଛ, ପରିବା ଚାଷ, ଆଚାର, ପାମ୍ପଡ ଓ ଧୂପକାଠି ତିଆରି ସହ ବିକ୍ରିକରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ମିଶନ ଶକ୍ତିର ଆବର୍ତ୍ତନ ପାଣ୍ଠିରୁ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ହଜାର ଲେଖାଏ ଋଣ ପ୍ରଦାନ କରାଯାଇଥିଲା। ବିକାଶମୂଳକ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ମହିଳାମାନେ କାର୍ଯ୍ୟ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ।

# ୧୮ ବର୍ଷରୁ କମ୍ ୭୧ ଆକ୍ରାନ୍ତ, ୧୯ ସକ୍ରିୟ

**ଖୋର୍ଦ୍ଧା ଅଫିସ,୨୬।୮**

କରୋନାର ସମ୍ଭାବ୍ୟ ତୃତୀୟ ଲହର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିବା ସହ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶିଶୁଙ୍କ ସୁରକ୍ଷା ଓ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଉଛି। ଦ୍ୱିତୀୟ ଲହର ଅଗଷ୍ଟ ୨୪ ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୮ବର୍ଷରୁ କମ୍ ୭୧ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ମେଣ୍ଢାଶାଳ(ଭୁବନେଶ୍ୱର)୧୨, ଜଟଣୀ ବ୍ଲକ ୧୧ ଓ ହଳଦିଆ (ଖୋର୍ଦ୍ଧା ବ୍ଲକ/ ସହର)୧୨ଜଣ ଅଧିକ ଆକ୍ରାନ୍ତ ହୋଇଛନ୍ତି। ୧୯ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଆକ୍ରାନ୍ତ ଶିଶୁ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାର ଡିଏଚ୍‌ଏଚ୍ ସମେତ ସମସ୍ତ ସିଏଚ୍‌ସି ସ୍ତରରେ କୋଭିଡ୍ କଣ୍ଟ୍ରୋଲ ରୁମ୍ ରହିଛି। ଏଥିସହ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ଟି ସ୍ୱତନ୍ତ୍ର ଶଯ୍ୟା, ଏସ୍‌ଏନ୍‌ସିୟୁ ୨ଟି ଶଯ୍ୟା ରହିଛି। ପ୍ରତି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଶଯ୍ୟା ସହ ଅକ୍ସିଜେନ ବ୍ୟବସ୍ଥା ରହିଛି। ଡିଏଚ୍‌ଏଚ୍‌ରେ ୪ଜଣ ଶିଶୁରୋଗ ବିଶେଷଜ୍ଞ ଅଛନ୍ତି। ଟାଙ୍ଗୀ, ମେଣ୍ଢାଶାଳ, ଜଟଣୀ ଓ ବାଣପୁର ସିଏଚ୍‌ସିରେ ଶିଶୁ ବିଶେଷଜ୍ଞ ଅଛନ୍ତି। ଅନ୍ୟ ସିଏଚ୍‌ସି, ପିଏଚ୍‌ସିର ମେଡିକାଲ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆଶାକର୍ମୀମାନେ ଘର ଘର ବୁଲି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସର୍ଭେ କରି ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟକୁ ଆଧାର କରି ପିଲାଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି। ଅନ୍ୟପଟେ ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ଓ ଶିଶୁଙ୍କ ସୁରକ୍ଷା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ସଂକ୍ରମଣ ଏଡ଼ାଇବା ଲାଗି କୋଭିଡ୍ ଜିଲା ଟାସ୍କ ଫୋର୍ସ କମିଟି ଏବଂ ଜିଲା (ବିଏମ୍‌ସିକୁ ବାଦ ଦେଇ)ର ସମସ୍ତ ସିଏଚ୍‌ସି ମେଡିକାଲ ଅଫିସରଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଇଛି। ରାପିଡ ରେସପନ୍ସ ଟିମ୍, ମୋବାଇଲ ଟିମ୍ ସ୍ୱାସ୍ଥ୍ୟ ସର୍ଭେ କାର୍ଯ୍ୟ କରିବେ। ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲକୁ ଆସୁଥିବା ପିଲାଙ୍କୁ କୋଭିଡ୍ ଗାଇଡଲାଇନ ପାଳନ ଉପରେ ଶିକ୍ଷୟିତ୍ରୀଶିକ୍ଷକମାନେ ପରାମର୍ଶ ଦେବାକୁ କୁହାଯାଇଛି। ସ୍କୁଲ କ୍ୟାମ୍ପସ, କ୍ଲାସରୁମ୍ ବିଶୋଧନ କରାଯିବ। ଶିଶୁଙ୍କ ସୁରକ୍ଷା ପାଇଁ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି। ସତର୍କ ଓ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି ଜିଲାପାଳ ମହାନ୍ତି କହିଛନ୍ତି।

## ୬ ଆଇସିୟୁ, ୪ ଆଇସୋଲେଶନ ଶଯ୍ୟା ପ୍ରସ୍ତୁତ

**ଖୋର୍ଦ୍ଧା ଅଫିସ,୨୬।୮**



କରୋନାର ତୃତୀୟ ଲହର ମୁକାବିଲା ପାଇଁ ଖୋର୍ଦ୍ଧା ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ୬ଟି ଆଇସିୟୁ ବେଡ୍, ୪ଟି ଆଇସୋଲେଶନ ଶଯ୍ୟା ପ୍ରସ୍ତୁତ ରହିଛି। ପ୍ରତ୍ୟେକ ବେଡରେ ଅକ୍ସିଜେନ, ଅକ୍ସିମିଟର ବ୍ୟବସ୍ଥା ରହିଛି। ଚିକିତ୍ସା ପାଇଁ ଆବଶ୍ୟକ ପିପି କିଟ୍, ଫେସ ମାସ୍କ, ଗ୍ଲୋବସ, ସାନିଟାଇଜର, ଥର୍ମୋମିଟର ପ୍ରସ୍ତୁତ ରଖାଯାଇଛି ବୋଲି ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବି.ପି ମିଶ୍ର ସୂଚନା ଦେଇଛନ୍ତି। ଏଥିପାଇଁ ଡାକ୍ତର, ଶିଶୁ ବିଶେଷଜ୍ଞ, ନର୍ସଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ଶିଶୁଙ୍କ ସ୍ୱତନ୍ତ୍ର ଭାବେ ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା କରାଯିବ। ଶିଶୁଙ୍କ ଚିକିତ୍ସାରେ ଅବହେଳା କରାଯିବ ନାହିଁ ଚିକିତ୍ସା ଓ ପ୍ରସବ ପାଇଁ ଆସୁଥିବା ମହିଳାଙ୍କୁ ପିଲାଙ୍କ କିପରି ଯତ୍ନ ନେବେ ସେ ସମ୍ପର୍କରେ ଡାକ୍ତର ଓ ନର୍ସମାନେ ବୁଝାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଅଗଷ୍ଟ, ୨୦୨୧



# ୮ ସବ୍ କମିଟିର ଦାୟିତ୍ୱ ବଣ୍ଟନ

ପୁରୀ ଅଫିସ,୨୬।୮:

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**
- ଅର୍ଥ ସବ୍ କମିଟି ଅଧ୍ୟକ୍ଷ ହେଲେ କ୍ରିଷନ କୁମାର
- ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା କମିଟି ଅଧ୍ୟକ୍ଷ ହେଲେ ଗଜପତି

ଶ୍ରୀମନ୍ଦିରର ନବଗଠିତ ପରିଚାଳନା କମିଟି ବୈଠକରେ ୮ଟି ସବ୍ କମିଟି ଗଠନ କରାଯାଇଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍‌କୁମାର ସୂଚନା ଦେଇଛନ୍ତି। ଅର୍ଥ ସବ୍ କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଅଧ୍ୟକ୍ଷ ଦାୟିତ୍ୱ ନେଇଥିବା ବେଳେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ବିଧି ବିଭାଗର ଅତିରିକ୍ତ ଶାସନ ସଚିବ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତଚନ୍ଦ୍ର ଭଦ୍ରାଙ୍କୁ ସଭ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ପୁରୀ ଏସ୍‌ପି କେ.ବିଶାଲ ସିଂ, ମାଧବଚନ୍ଦ୍ର ମହାପାତ୍ର, ଦୁର୍ଗାଦାସ ମହାପାତ୍ର, ମାଧବ ପୂଜାପଣ୍ଡା, ଅନନ୍ତ ତିଆଡ଼ି, ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକଙ୍କୁ କମିଟିରେ ରଖାଯାଇଛି। ସେହିଭଳି ଅର୍ଥ କମିଟିର ଆବାହାକ ଦାୟିତ୍ୱରେ ରହିଛନ୍ତି ଉପପ୍ରଶାସକ(ଅର୍ଥ)। ସେହିଭଳି ନୀତି ସବ୍‌କମିଟିରେ ୧୨ଜଣ ସଭ୍ୟ, ସେବକ କଲ୍ୟାଣ ସବ୍‌କମିଟିରେ ୯ଜଣ ସଭ୍ୟ ଓ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟିରେ ୧୨ଜଣ ସଭ୍ୟ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟିର ଅଧ୍ୟକ୍ଷ ଭାବେ ଗଜପତି ମହାରାଜା ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷେ ସବୁଠାରୁ ଚର୍ଚ୍ଚିତ ରତ୍ନଭଣ୍ଡାର ସବ୍ କମିଟିରେ ଦୁର୍ଗାପ୍ରସାଦ ଦାସ ମହାପାତ୍ର ଓ ମଣ୍ଟୁ ସିଂହାରୀଙ୍କୁ ରଖାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏହାର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବେଳେ ଜିଲାପାଳ, ଏସ୍‌ପି, ପ୍ରତ୍ନତତ୍ତ୍ୱ ଅଧୀକ୍ଷକ, ନୀତି ପ୍ରଶାସକ ଓ ବିଧି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ସ୍ଥାନ ମିଳିଛି। ସେହିପରି ଅପିଲ୍ ସବ୍‌କମିଟିରେ ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କୁ ଅଧ୍ୟକ୍ଷ ଭାବେ ରଖାଯାଇଥିବା ବେଳେ ମାଧବ ପୂଜାପଣ୍ଡା ଓ ଅଶୋକ ମହାପାତ୍ରଙ୍କୁ ସଭ୍ୟ ଭାବେ ସ୍ଥାନିତ କରାଯାଇଛି। ଆସନ୍ତା ଦିନରେ ଗୁରୁକୁଳ ଯୋଜନା ଓ ସେବାୟତ ବାସଗୃହ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ହେତୁ ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍ କମିଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କମିଟିରେ ୧୫ଜଣ ସଭ୍ୟ ରହିଥିବା ବେଳେ ଶରତଚନ୍ଦ୍ର ଭଦ୍ରା, ମାଧବଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ମହନ୍ତ ରାମକୃଷ୍ଣ ଦାସ, ମାଧବ ପୂଜାପଣ୍ଡା ଓ ସୁଦର୍ଶନ ପଟ୍ଟନାୟକ ସଭ୍ୟ ଭାବେ ସାମିଲ ଅଛନ୍ତି। ଏହାସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଦେବୋତ୍ତର କମିଶନ, ଅଧୀକ୍ଷକ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ବିଧି ବିଭାଗର ଅତିରିକ୍ତ ଶାସନ ସଚିବ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ରାଜସ୍ୱ ଉପ ପ୍ରଶାସକ ମଧ୍ୟ କମିଟିରେ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପାଇଁ ଏକ ସେବକ ବିଦ୍ୟାଳୟ ସବ୍‌କମିଟି ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ଗଜପତି ମହାରାଜ ରହିଥିବା ବେଳେ ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ଉପଅଧ୍ୟକ୍ଷ ଭାବେ ଦାୟିତ୍ୱରେ ରହିଛନ୍ତି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆବାହକ ଭାବେ କମିଟିରେ ସ୍ଥାନିତ କରାଯାଇଥିବା ବେଳେ ଅନ୍ୟ ସଭ୍ୟମାନଙ୍କୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନି। ଅନ୍ୟପଟେ ଆଦର୍ଶ ଗୁରୁକୁଳରେ ପାଠପଢ଼ା ସିବିଏସ୍‌ଇ ପାଟର୍ନରେ ହେବା ନେଇ ପ୍ରସ୍ତାବିତ ହୋଇଛି। ସେହିଭଳି ଧାର୍ମିକ ଓ ଆଧାତ୍ମିକତା ମୂଲ୍ୟବୋଧର ବିକାଶ ଉପରେ ମଧ୍ୟ ଗୁରୁକୁଳ ଧ୍ୟାନ ଦେବ ବୋଲି ବିଚାର ହୋଇଛି।



ଭାରତରତ୍ନ ମଦର ଟେରେସାଙ୍କ ଜନ୍ମଦିନରେ ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସଙ୍କ ପ୍ରସ୍ତୁତ ଡିଜିଟାଲ ଚିତ୍ର।

## ସଂକ୍ଷେପରେ

### ବେଳାଭୂମିରେ ଆରମ୍ଭ ହେବ ୩ ଦିନିଆ କ୍ରିୟାଯୋଗ ଶିବିର

ପୁରୀ ଅଫିସ,୨୬।୮- ପୁରୀ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଛି ୩ଦିନିଆ କ୍ରିୟାଯୋଗ ଶିବିର। ଏ ନେଇ ଗୁରୁବାର ଚକ୍ରତୀର୍ଥ ରୋଡ୍‌ସ୍ଥିତ ସାଗର ତରଙ୍ଗ ହୋଟେଲ ସମ୍ମିଳନୀ କକ୍ଷରେ ନିର୍ମାଣ କ୍ରିୟା ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ଆୟୋଜକ ଜିଜେ ଅନାହତଙ୍କ ପକ୍ଷରୁ ଉକ୍ତ ଶିବିର ଚଳିତ ମାସର ୨୮, ୨୯ ଏବଂ ୩୦ ତାରିଖରେ ଏହି ହୋଟେଲ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଶିବିରରେ ଯୋଗଦେଇ ବିଭିନ୍ନ କ୍ରିୟା ବିଷୟରେ ଜାଣିବା ତଥା ଅଭ୍ୟାସ କରିବା ପାଇଁ ନାମ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଅନେକ ଆଧାତ୍ମିକ ଗୁରୁ ଯୋଗଦେଇ ବିଭିନ୍ନ ରୋଗ ତଥା ମାନସିକ ଦୁଶ୍ଚିନ୍ତାରେ ପୀଡ଼ିତମାନଙ୍କ କ୍ରିୟାଯୋଗ ଦ୍ୱାରା ଉପଶମ ବ୍ୟବସ୍ଥା ବିଷୟରେ କହିବେ। ଶିବିରରେ ଦେଶର ବିଭିନ୍ନ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁରୀ ବେଳାଭୂମିରେ ମୁକ୍ତ ଆକାଶ ତଳେ ଏହି ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ, ସୂର୍ଯ୍ୟ ନମସ୍କାର ଆଦି କ୍ରିୟା ଯୋଗ କୋର୍ଣାକରେ କରାଯିବା ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

### ବ୍ରିଜ୍ ପାଇଁ ନିର୍ମାଣାଧୀନ ପିଲର ଦବୁଛି

କାକଟପୁର,୨୬।୮(ଡି.ଏନ୍.ଏ.)- କାକଟପୁରର କନ୍ତିମଳା- ସନ୍ତରସର ସଂଯୋଗୀକରଣ ପାଇଁ ଏକ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ୨୦୧୭ ନଭେମ୍ବରରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅଧାଗଡ଼ା ପିଲରରେ ସୀମିତ ରହିଛି। ଫଳରେ ଚଳିତବର୍ଷ ପ୍ରଥମ ମୌସୁମୀ ବର୍ଷାରେ କାଦୁଆ ନଦୀରେ ଜଳସ୍ତର ବୃଦ୍ଧି ହେବା ଯୋଗୁ କନ୍ତିମଳା ପଟରୁ ଗୋଟେ ଅଧାଗଡ଼ା ପିଲର ଦବିଥିବା ଦେଖାଯାଉଛି। କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେବ ବ୍ରିଜ୍ କାର୍ଯ୍ୟ ଚାଲୁଥିବାବେଳେ ଜାଣିଶୁଣି ବିଳମ୍ବ କରାଯାଉଥିବା ମଧ୍ୟ କୁହାଯାଉଛି। ଏ ସମ୍ପର୍କରେ କାକଟପୁର ଉପଖଣ୍ଡ ଅଧିକାରୀ ଉମାକାନ୍ତ ଜୟସିଂଙ୍କୁ ପଚାରିବାରୁ ପିଲରଗୁଡ଼ିକ ମୋଟ ୨୮ମି ଗହିରା ପର୍ଯ୍ୟନ୍ତ ଭିତରକୁ ଯିବା ଏବେ ୧୫ମି ଯାଇଛି ଅବଶିଷ୍ଟ ୧୩ମି ତଳକୁ ଗଲା ପରେ ପିଲର ଢଳିଛି କି ନାହିଁ ଜଣାପଡ଼ିବ। ବର୍ଷାଦିନ ଓ ନଦୀରେ ପାଣି ଭରା ରହୁଥିବାରୁ କାର୍ଯ୍ୟ ଧିମେଇଥିଲେ ମଧ୍ୟ ୨୦୨୨ ମାର୍ଚ୍ଚ ସୁଦ୍ଧା କାମ ଶେଷ ହେବ ବୋଲି କହିଥିଲେ। ୬କୋଟି ଟଙ୍କାର ବ୍ରିଜଟିକୁ ସମୟ ଅବଧି ମଧ୍ୟରେ ସାରିବା ପାଇଁ କାଦୁଆ ନୂଆଗାଁ ସରପଞ୍ଚ ସୁଷମା କୁମାରୀ ଦେଇ, ପୁରୀ ଜିଲା ବିଜେଡି ଉପସଭାପତି କୈଳାସ ଚନ୍ଦ୍ର ଲେଙ୍କା, ପୂର୍ବତନ ସରପଞ୍ଚ ଭୀମସେନ ସେଠୀ ପ୍ରମୁଖ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଓ କ୍ରୀଡ଼ାମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଉପଭୋକ୍ତା, ଆର୍ଥିକ ସଂସ୍ଥା ମତ ବିନିମୟ କର୍ମଶାଳା

କୋଣାର୍କ,୨୬।୮(ଡି.ଏନ୍.ଏ.)- କୋଣାର୍କସ୍ଥିତ ଯାତ୍ରୀନିବାସ ବାଙ୍କୁଏଟ ହଲ୍ ସମ୍ମିଳନୀ କକ୍ଷରେ ଦିଲ୍ଲୀର ସାଧନ ଅନୁଷ୍ଠାନ ପକ୍ଷରୁ ସମାଜର ଆର୍ଥିକ ଅସ୍ୱଚ୍ଛଳ ଗୋଷ୍ଠୀ ନିମନ୍ତେ ଗୃହ ନିର୍ମାଣ ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପୂର୍ବତନ ସୂଚନା କମିଶନର ତଥା ସାମାଜିକ ଅନୁଷ୍ଠାନ ସିୱାଇଏସ୍‌ଡି ପ୍ରତିଷ୍ଠାତା ଶ୍ରୀ ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଅନଗ୍ରସର ଓ ପଛୁଆବର୍ଗଙ୍କ ନିମନ୍ତେ ପକ୍କାଘରଟିଏ କିପରି ସହଜରେ ତିଆରି ହୋଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ସାଧନା ସାମାଜିକ ଅନୁଷ୍ଠାନ ଦ୍ୱାରା ପୁରୀ ଓ କୋଣାର୍କରେ ଅବସ୍ଥିତ ଗୃହ ନିର୍ମାଣ କେନ୍ଦ୍ର ଭଳି କିପରି ରାଜ୍ୟର ସମସ୍ତ ଜିଲାରେ ପ୍ରତିଷ୍ଠିତ ହୋଇପାରିବ ସେ ସମ୍ପର୍କରେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବା ନେଇ ମୁଖ୍ୟ ଅତିଥି କହିଥିଲେ। ଅନ୍ୟ ଅତିଥି କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଯୋଗଦେଇ ସରକାରୀସ୍ତରରେ ଥିବା ଗୃହ ନିର୍ମାଣ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏଥିରେ ପୁରୀ ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ ସାହୁ, ଓରମାସ ପୁରୀର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ଦରବାର ସାହିତ୍ୟ ସଂସଦ, ଅନ୍ନପୂର୍ଣ୍ଣା, ଜନ ସ୍କୁଲ ଫାଇନାନ୍ସ ବ୍ୟାଙ୍କ ପ୍ରମୁଖ ସଂସ୍ଥାର ରାଜ୍ୟ ପ୍ରତିନିଧିଗଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ସହଯୋଗ କେନ୍ଦ୍ରର ପରିଚାଳିକା ସଂଗୀତା ନାୟକ ଯୋଗଦେଇ ଉପଭୋକ୍ତାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ରିତୁପର୍ଣ୍ଣା ଘୋଷ, ଆଶୁତୋଷ ଦାସ, ମହତାବ ଆଲମ, ଲୋପାମୁଦ୍ରା ଜେନା, ସୁରେଶ ସ୍ୱାଇଁ, ଦେବାଶିଷ ସ୍ୱାଇଁ ଓ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ୬ ପଞ୍ଚାୟତରେ ମରୁଡ଼ି ଆଶଙ୍କା

କାକଟପୁର,୨୬।୮(ଡି.ଏନ୍.ଏ.)

ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କଲେ ମଧ୍ୟ ପ୍ରଶାସନିକ ଉଦାସୀନତାରୁ ସେସବୁ ଫେଲ୍ ମାରୁଥିବା କାକଟପୁର ବ୍ଲକର ୬ଟି ପଞ୍ଚାୟତରେ ଦେଖିବାକୁ ମିଳୁଛି। ଏହି ବ୍ଲକର ୧୬ଟି ପଞ୍ଚାୟତ ମଧ୍ୟରୁ କାଦୁଆନୂଆଗାଁ, କୁରୁଜଙ୍ଗ, ଅବଦାନ, ନାସିକେଶର, ବାଙ୍ଗୁରିଗାଁ ଓ ଜଳେଶ୍ୱରପଡ଼ା ପଞ୍ଚାୟତର ଚାଷୀମାନେ ମୌସୁମୀ ବର୍ଷା ଓ ଉଠାଜଳସେଚନ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଆନ୍ତି। କିନ୍ତୁ ଚଳିତବର୍ଷ ଅଗଷ୍ଟ ଶେଷ ହେବାକୁ ବସିଥିବାବେଳେ କୃଷି ବିଭାଗ ହିସାବ ମୁତାବକ ମାତ୍ର ୧୨୬ ମିମି ବର୍ଷା ହୋଇଛି। ଯାହାକି ଗତବର୍ଷ ଅଗଷ୍ଟ ଶେଷ ସୁଦ୍ଧା ୪୩୦.୫ମିମି ହୋଇଥିଲା। ଫଳରେ କାକଟପୁର ବ୍ଲକର ଉକ୍ତ ୬ଟି ପଞ୍ଚାୟତରେ ମରୁଡ଼ି ହେବା ଆଶଙ୍କା ରହୁଛି। ଅନ୍ୟପକ୍ଷେ ଏହି ୬ ପଞ୍ଚାୟତରେ ଜଳସେଚନ ପାଇଁ ଉଠାଜଳସେଚନ ପଏଣ୍ଟଗୁଡ଼ିକ ଥିଲେ ସୁଦ୍ଧା ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ନ ହେବା ଦ୍ୱାରା ଦରକାର ବେଳେ ଚାଷୀଙ୍କର କାର୍ଯ୍ୟରେ ଲାଗୁ ନାହିଁ। କେବଳ କାଦୁଆ ନୂଆଗାଁ ପଞ୍ଚାୟତରେ ୧୯ଟିରୁ ଉର୍ଦ୍ଧ୍ୱ ଜଳସେଚନ ପଏଣ୍ଟ ଅଚଳ ହୋଇପଡ଼ିଥିବା ସରପଞ୍ଚ ସୁଷମା କୁମାରୀ ଦେଇ କହିଛନ୍ତି। ସେହିପରି ଅନ୍ୟ ୫ଟି ପଞ୍ଚାୟତର ଚାଷୀଙ୍କ ସମଦଶା ଫଳରେ ରୁଆ ଧାନବିଲ ଫାଟି ଆଁ କଲାଣି। କାକଟପୁର ବ୍ଲକରେ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟ ନ ଥିବାରୁ ସାଧାରଣ ଚାଷୀ ଅଭିଯୋଗ କରିପାରୁ ନାହାନ୍ତି। ତେଣୁ ତୁରନ୍ତ କ୍ରୀଡ଼ାମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ଚାଷୀମାନଙ୍କୁ ଜଳ ଯୋଗାଇ ଦେବାର ସୁବ୍ୟବସ୍ଥା ଯଥାଶୀଘ୍ର ନ କଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛି।



କାକଟପୁର ଅଞ୍ଚଳର ଏକ ଜମି ଫାଟି ଯାଇଛି ।

## ଓଟାଙ୍ଗରେ କରୋନା ପ୍ରତିଷେଧକ ସାମଗ୍ରୀ ବଣ୍ଟନ

କୋଣାର୍କ,୨୬।୮(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ସୋରଭା ପଞ୍ଚାୟତ ଅନ୍ତର୍ଗତ ଓଟାଙ୍ଗ ଗ୍ରାମରେ ଭୁବନେଶ୍ୱର ଅଞ୍ଚଳର ସାମାଜିକ ସଂଗଠନ ମହାବୀର ମଲ୍ଲି ଜିମ୍ ଓ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ କରୋନା ପ୍ରତିଷେଧକ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ଯୁବନେତା ଇଂ. ଅକ୍ଷୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନୟାହାଟ ଫାଣ୍ଡି ଅଧିକାରୀ ବାବୁଲି କୁମାର ପ୍ରଧାନ ଯୋଗଦେଇ ୧୪ନଂ. ଜିଲା ପରିଷଦ ଜୋନ ଅଧୀନ ଓଟାଙ୍ଗ ଗ୍ରାମରେ ଅସହାୟ ଓ ଗରିବଙ୍କୁ କରୋନା ପ୍ରତିଷେଧକ ସାମଗ୍ରୀ ମାସ୍କ, ସାନିଟାଇଜର ସମେତ ବିସ୍କୁଟ, ସାବୁନ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ମୁଖ୍ୟଅତିଥି ପ୍ରଧାନ ଓ ସୋରଭା ବିଜେଡି ସଭାପତି ଜ୍ୟୋତିରଞ୍ଜନ ନାୟକ କରୋନା ସମ୍ବନ୍ଧରେ ଗ୍ରାମର ଲୋକମାନଙ୍କୁ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଟାଙ୍ଗ ସମେତ ଆଖପାଖ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଗରିବ ଓ ଅସହାୟଙ୍କୁ କରୋନା ପ୍ରତିଷେଧକ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଅନୁଷ୍ଠାନ ପକ୍ଷରୁ କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୋପ ବିଡିଓ ଦୀପ୍ତିରାଣୀ ଦାସ ଓ ଭାରପ୍ରାପ୍ତ ତହସିଲଦାର ଶରତ ପରିଡ଼ାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାକର ବାରିକ, ହାପି ରାଉତରାୟ, କୁନାଲ ପାତ୍ର, ରଶ୍ମିରଞ୍ଜନ ପ୍ରମୁଖ ପରିଚାଳନା କରିଥିଲେ। ଓଟାଙ୍ଗ ଗ୍ରାମ୍ୟ କମିଟି ସଭାପତି ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଦାବି ପୂରଣ ନ ହେଲେ ଆମରଣ ଅନଶନ

ପିପିଲି,୨୬।୮(ସ୍ୱ.ପ୍ର.)

ପିପିଲି ଏନ୍‌ଏସି ଅଧୀନରେ ବିଗତ କିଛିବର୍ଷ ଧରି ବିକାଶ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ବିକାଶରେ କେତେଜଣ ସରକାରୀ କର୍ମଚାରୀ ବାଧକ ସାଜୁଥିବା ଅଭିଯୋଗ କରିଛି ପିପିଲି ବିକାଶ ମଞ୍ଚ (କ)। ମଞ୍ଚ ଆବାହକ ଅନୁପ ପରିଡାଙ୍କର ନେତୃତ୍ୱରେ ଏ ନେଇ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନ ନିକଟରେ ୩ ଦଫା ଦାବି ପୂରଣ ପାଇଁ ଦାବି କରାଯାଇଛି। ୪୮ ଘଣ୍ଟା ମଧ୍ୟରେ ପ୍ରଶାସନ ଉକ୍ତ ଦାବି ପୂରଣ ନ କଲେ ଆସନ୍ତା ଶନିବାରଠାରୁ ମଞ୍ଚ ତରଫରୁ ଆମରଣ ଅନଶନ କରାଯିବ ବୋଲି ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଗତ ଫେବୃୟାରୀ ୨୩ରେ ମୁଖ୍ୟମନ୍ତ୍ରୀ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବା ସହ ପିପିଲି ବସ୍‌ଷ୍ଟାଣ୍ଡ ପାଇଁ ୧.୫୦ କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଥିଲା। ଏ ନେଇ ଜବରଦଖଲ ଉଚ୍ଛେଦ ସହ ଦାୟିତ୍ୱହୀନ କାର୍ଯ୍ୟ ହୋଇଥିବା ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀଙ୍କ ବିରୋଧରେ ମଞ୍ଚ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସେହିପରି ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡରେ ସାମାନ୍ୟ ବର୍ଷାରେ ବର୍ଷାଜଳ ସହ ଡ୍ରେନ ପାଣି ମିଶି ଚାରିଆଡେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଯଦ୍ଦ୍ୱାରା ଡେଙ୍ଗୁ, ଚର୍ମରୋଗ ହେବାର ଆଶଙ୍କା ରହୁଛି। ଏଥିସହିତ ତଳିଆ ଅଞ୍ଚଳର ଲୋକଙ୍କ ଘରେ ମଧ୍ୟ ବର୍ଷାଜଳ ପଶିଥିବା ଅଭିଯୋଗ ହୋଇଛି। ତେଣୁ ସମସ୍ତ ୱାର୍ଡର ଡ୍ରେନେଜ୍ ସମସ୍ୟା ଦୂର କରାଯିବାକୁ ସଂଘ ଦାବି କରିଛି। ଏହି ସମ୍ମିଳନୀରେ ମଞ୍ଚ ସଦସ୍ୟ ରାକେଶ ରୋଶନ ମହାନ୍ତି, ବିଜୟଲକ୍ଷ୍ମୀ ମିଶ୍ର, ମିହିର ମୁଦୁଲି, ବୀଣାପାଣି ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ମହାସଂଘ ନିର୍ବାଚନକୁ ନେଇ ବିବାଦ

କଣାସ,୨୬।୮(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଗଠିତ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ନିର୍ବାଚନ ହୋଇଥିଲା। ହେଲେ ଏହି ନିର୍ବାଚନ ଠିକ୍ ହୋଇ ନ ଥିବା କେତେଜଣ ମହିଳା ଦର୍ଶାଇବାରୁ ବିବାଦ ଉଠିଛି। ଏପରିକି ଗାଁ ଗାଁ ମଧ୍ୟରେ ତିକ୍ତତା ସୃଷ୍ଟି ହେବାକୁ ବସିଲାଣି। ତୁରନ୍ତ ବିଧିବଦ୍ଧ ଭାବେ ପୁଣି ନିର୍ବାଚନ କରିବାକୁ କେତେଜଣ ମହିଳା ଦାବି କରୁଥିବା ବେଳେ ଅନ୍ୟ କେତେଜଣ ନିର୍ବାଚନ ଠିକ୍ ଥିବା କହୁଛନ୍ତି। ଫଳରେ ଏହାକୁ ନେଇ କଣାସ ବିଡିଓ ଲୋଚନ ଦାସଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି। ପ୍ରତିଦିନ ଦଳ ଦଳ ହୋଇ ମହିଳା ଗୋଷ୍ଠୀ ବିଡିଓ କାର୍ଯ୍ୟାଳୟକୁ ଆସି ସାନି ନିର୍ବାଚନ କରିବାକୁ ଦାବି କରୁଛନ୍ତି। ତେଣୁ ୪ ଦିନ ତଳେ ବିଡିଓ ସିରେଇ ପଞ୍ଚାୟତକୁ ଯାଇ ମହିଳା ଗୋଷ୍ଠୀଙ୍କୁ ଭେଟି ନିର୍ବାଚନ ସପକ୍ଷ ଓ ବିପକ୍ଷରେ ଆଲୋଚନା କରିଥିଲେ। ଏହି ସମୟରେ ଅନେକ ମହିଳା ନିର୍ବାଚନ ପୁନର୍ବାର କରିବା ପାଇଁ କହି ବିଡିଓ, ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଘେରାଉ କରିଥିଲେ। ଏ ନେଇ ବିଡିଓ ଦାସଙ୍କ ପଚାରିବାରୁ ସମସ୍ତ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଦେଇଛି। ସେଠାରୁ କୌଣସି ନିର୍ଦ୍ଦେଶ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି।

# ଜୋର ଧରିଲା ମଦ ବିରୋଧୀ ଆନ୍ଦୋଳନ

ପିପିଲି,୨୬।୮(ସ୍ୱ.ପ୍ର.)

**ପୁଣି ଧାରଣା ଦେଲେ ଦଳିତ ମହାସଂଘ ମହିଳା**

ପିପିଲିରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ବିରୋଧରେ ଆନ୍ଦୋଳନ ଜୋର ଧରିବାରେ ଲାଗିଛି। ପିପିଲି–ଡେଲାଙ୍ଗକୁ ନିଶାମୁକ୍ତ ଦାବିରେ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘର ମହିଳାମାନେ ଗୁରୁବାର ପୁଣି ରାଜରାସ୍ତାରେ ଧାରଣା ଦେଇଛନ୍ତି। ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଉକ୍ତ ପ୍ରସ୍ତାବିତ ଦୋକାନକୁ ବନ୍ଦ କରିବା ଦାବିରେ ଦୋକାନ ସମ୍ମୁଖ ପିପିଲି–ଜଟଣୀ ମୁଖ୍ୟ ରାସ୍ତାକଡରେ ଧାରଣା ଦେଇଛନ୍ତି। ବିଭିନ୍ନ ମଦ ବିରୋଧୀ ୩ ଘଣ୍ଟାର ନାରାବାଜି ପରେ ଖବରପାଇ ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ପହଞ୍ଚି ଧାରଣାରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ପରେ ମହାସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଥାନାଧିକାରୀ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୮ଦିନ ମଧ୍ୟରେ ଦାବିପୂରଣ ନ ହେଲେ ଆଗାମୀ ଦିନରେ ଦଳିତ ମହାସଂଘ ଆଇନକୁ ହାତକୁ ନେଇ ମଦ ଦୋକାନରେ ନିଆଁ ଲଗାଇ ଭଙ୍ଗାରୁଜା କରିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଦଳିତ ମହାସଂଘର ରାଜ୍ୟ ସଭାପତି ସେଠୀ କହିଛନ୍ତି। ଧାରଣାରେ ମହାସଂଘର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀଙ୍କ ସହ ଶତାଧିକ ମହିଳା ସାମିଲ ଥିଲେ। ଗତ ୨୩ ତାରିଖରେ ସଂଗଠନ ପକ୍ଷରୁ ପ୍ରଥମେ ଧାରଣା ଦିଆଯାଇଥିଲା।



ଦଳିତ ମହାସଂଘର ସଦସ୍ୟମାନେ ପିପିଲି ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି ।

# କୁକୁଡ଼ାଚାଷୀଙ୍କୁ ସରକାରୀ ସହାୟତା ଦାବି

ପିପିଲି,୨୬।୮(ସ୍ୱ.ପ୍ର.)

**ଦାବି ବିଷୟରେ କୃଷି ମନ୍ତ୍ରୀଙ୍କୁ ଅବଗତ କରାଯିବ**

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀମାନଙ୍କୁ ସରକାରୀ ସହାୟତା ମିଳି ନ ଥିବା ନେଇ ବୁଧବାର ପିପିଲିର ଏକ ହୋଟେଲରେ ପଉଟ୍ରି ଫାର୍ମସ୍ ଡେଭ୍‌ଲପମେଣ୍ଟ ଫୋରମ ଆନୁକୂଲ୍ୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଫୋରମ ସଭାପତି ସୁଦର୍ଶନ ପ୍ରଧାନଙ୍କ ସଭାପତିତ୍ୱରେ ଫନୀରେ କୁକୁଡା ଚାଷୀମାନଙ୍କୁ ସହାୟତା ପ୍ରଦାନରେ ସରକାରଙ୍କ ବିଳମ୍ବତା ନେଇ ଆଲୋଚନା ହୋଇଥିଲା। ଫନୀରେ ଚାଷୀଙ୍କ ଫାର୍ମଗୁଡ଼ିକ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ ଛୋଟବଡ କୁକୁଡା ଚାଷୀ ସହାୟତା ପାଇବା ଲାଗି ହିତାଧିକାରୀ ରୂପେ ଚୟନ ହୋଇଥିଲେ। ତେବେ ୪ହଜାରରୁ ଊର୍ଦ୍ଧ୍ୱ କ୍ଷମତାବିଶିଷ୍ଟ ଫାର୍ମର କୁକୁଡା ଚାଷୀଙ୍କୁ ଏଯାବତ୍ ସରକାରୀ ସହାୟତା ମିଳି ନାହିଁ। ତେବେ କେଉଁ କାରଣରୁ ସହାୟତା ପ୍ରଦାନରେ ବିଳମ୍ବ ହେଉଛି ଏବଂ ସମସ୍ୟା କ'ଣ ରହିଛି ତାହା ଉପରେ ଆଲୋଚନା କରାଯାଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମସ୍ତ କାଗଜପତ୍ର ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏ ବାବଦରେ କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ ମଧ୍ୟ ଅବଗତ କରାଯିବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡା ପରିଚାଳନା କରୁଥିବା ବେଳେ ପୁରୀ ଜିଲା ୧୧ଟି ବ୍ଲକର ଫନୀ କ୍ଷତିଗ୍ରସ୍ତ କୁକୁଡା ଚାଷୀ ବୈଠକରେ ଯୋଗଦେଇଥିଲେ।

# କଣାସ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

କଣାସ,୨୬।୮(ସ୍ୱ.ପ୍ର.)

କଣାସ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ସମ୍ମିଳନୀ ବଡ଼ାସ ଗ୍ରାମସ୍ଥିତ ମା' ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଗୁରୁବାର ମଞ୍ଚର ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା, ବଡ଼ାସ ବଳରାମ ପଲାଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୃପାସିନ୍ଧୁ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା କରିବା ଆବଶ୍ୟକ ବୋଲି ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ଶ୍ରୀଚନ୍ଦନ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଟ୍ରିକ ରାଜ୍ୟ ଟପ୍ପର ସୁଶ୍ରୀ ସ୍ୱୟଂପ୍ରଭା ଚହଟରାୟ, ବ୍ଲକ ଟପ୍ପର ସ୍ନିଗ୍ଧାମୟୀ ସୁବୁଦ୍ଧି, ଆରନ୍ୟ ଜେନା, ଲକ୍ଷ୍ମୀରାଣୀ ପ୍ରଧାନ, ରୂପାଲି ପ୍ରିୟଦର୍ଶିନୀ ବରିଶଲ, ଦୀପ୍ତିରାଣୀ ମିଶ୍ର, ହୃଦାନନ୍ଦ ପୃଷ୍ଟି, ସମରେଶ ରଥ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ରାଧାଶ୍ୟାମ ବିଶ୍ୱାଳ, ପରିବେଶ ପାଇଁ ଅପର୍ତ୍ତି ମହାପାତ୍ର, ଯୁବ ନେତୃତ୍ୱ ପାଇଁ ଶୁଭାଶିଷ ପାହାଳସିଂହ, ଶତାୟୁ ଶିକ୍ଷକ ଜୟକୃଷ୍ଣ ପେଣ୍ଡୋଇ, କୋଭିଡ୍ ଯୋଦ୍ଧା ଡା. ରମେଶ ଚନ୍ଦ୍ର ବେହେରା, ଶଶାଙ୍କଶେଖର ପ୍ରଧାନ ଓ ମାନସୀ ପ୍ରଧାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ସାରଥି ଜେନା ମଞ୍ଚ ପରିଚାଳନା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ପୁରୀ ଅଫିସ,୨୬।୮–



ଦଳିତ ଆଦିବାସୀ ସଂଗଠନ ପକ୍ଷରୁ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି ।

**ବିଭିନ୍ନ ଦାବି ନେଇ ଦଳିତ ଆଦିବାସୀ ସଂଗଠନର ଅଭିଯୋଗ**

ପୁରୀ ଜିଲାରେ ଅନୁସୂଚିତ ଜାତି ବର୍ଗଙ୍କ ଉପରେ ଲଗାତର ଅନ୍ୟାୟ, ଅତ୍ୟାଚାର, ଆକ୍ରମଣ ଭଳି ଘଟଣା ବଢ଼ି ଚାଲିଥିବା ବେଳେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନ କରିବା ଓ ଅନୁସୂଚିତ ଜାତି ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଯାଉ ନ ଥିବା ନେଇ ସର୍ବଭାରତୀୟ ଦଳିତ ଆଦିବାସୀ ସଂଗଠନ ଅଭିଯୋଗ କରିଛି। ଏ ନେଇ ସଂଗଠନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜିଲାପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଂଯୋଜକ ଦିବାକର ଭୋଇଙ୍କ ଅଭିଯୋଗ ଅନୁଯାୟୀ, ୨୦୧୩ ମସିହା ପରଠାରୁ କଣାସ ଥାନା ଅଣ୍ଡାରସିଂହ ଗ୍ରାମର ଦଳିତ ପରିବାର ଘରଗୁଡ଼ିକୁ ସେହି ଗ୍ରାମର ସବର୍ଣ୍ଣମାନେ ଜାଳିବା ସହ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଥାନାଧିକାରୀ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇବା ଯୋଗୁ ସେମାନେ ଜାମିନରେ ଆସି ପୁଣି ଅତ୍ୟାଚାର କରୁଛନ୍ତି। ସେହିପରି କଣାସ ଥାନା ବଡ଼ାର ଗ୍ରାମର ଦଳିତ ଭାନୁମତୀ ଭୋଇଙ୍କ ଉପରେ ସବର୍ଣ୍ଣମାନେ ଘରେ ପଶି ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ସେହିପରି କଣାସ ଓ ବ୍ରହ୍ମଗିରି ତହସିଲ ଦଳିତ ଗ୍ରାମରେ ଜମି ଅଭାବ ଯୋଗୁ ଲୋକେ ରହିବାକୁ ଅସୁବିଧା ଭୋଗୁଛନ୍ତି। ତେଣୁ ଜିଲାପାଳ ସେମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଯୋଗାଇ ଦେବାକୁ ସଂଘ ନିବେଦନ କରିଛି। ସେହିପରି ଫନୀରେ କ୍ଷତିଗ୍ରସ୍ତ ଦଳିତ ଗ୍ରାମ ସମୂହକୁ ବିଜୁ ପକ୍କା ଯୋଜନାରେ ସାମିଲ କରିବାକୁ ସଂଘ ଦାବି କରିଛି।